# ଅଜଣା ଜନ୍ତୁ ଆକ୍ରମଣରେ ମହିଳା ଆହତ



ମାଲକାନଗିରି,୪।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ଅଞ୍ଚଳର ବିଭିନ୍ନ ଗ୍ରାମରେ ଅଜଣା ଜନ୍ତୁ ଆକ୍ରମଣରେ ଗତ କିଛିଦିନ ହେବ ଅନେକ ଛେଳି, ମେଣ୍ଢାଙ୍କର ମୃତ୍ୟୁ ହୋଇଥିବାବେଳେ ଗୁରୁବାର ଅଜଣା ଜନ୍ତୁ ଆକ୍ରମଣରେ ଜଣେ ମହିଳା ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଜିଲ୍ଲାର କାଲିମେଲା ବ୍ଲକ୍ ବୋଡିଗେଟା ଗ୍ରାମର ରମେ ମାଡ଼ୀ ନାମକ ମହିଳା ନିଜ ମାଆଙ୍କ ଘର କମଳାପଦରକୁ ଚାଲି ଚାଲି ଯାଉଥିବାବେଳେ ଏହି ସମୟରେ ବାଟରେ ପଡୁଥିବା ଜଙ୍ଗଲରେ ତାଙ୍କୁ ଏକ ଅଜଣା ଜନ୍ତୁ ଆକ୍ରମଣ କରିଥିଲା। ତେବେ ଉକ୍ତ ଜନ୍ତୁକୁ ସେ ଆଗରୁ କେବେ ଦେଖି ନ ଥିଲେ ବୋଲି କହିଛନ୍ତି। ଏହି ଜନ୍ତୁ ଆକ୍ରମଣରେ ମହିଳାଙ୍କ ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବାବେଳେ ତାଙ୍କୁ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# ପୁଣି ଆବାସିକ ବିଦ୍ୟାଳୟରେ ନିର୍ଯାତନା ଅଭିଯୋଗ

ମାଲକାନଗିରି,୪।୧(ସମିସ)

ମାଲକାନଗିରି ଆବାସିକ ବିଦ୍ୟାଳୟରେ କୁନିକୁନି ପିଲାଙ୍କ ଭବିଷ୍ୟତ ଗଢ଼ିବା ବଦଳରେ ମନରେ ଭୟ ଓ ଶାରୀରିକ ନିର୍ଯାତନା ଦେବା ଅଭିଯୋଗ ହୋଇଛି। କିଛି ଏପରି ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା ସଦର ମହକୁମା ହାଟପଦାରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟରେ। ପ୍ରାୟ ଏକ ସପ୍ତାହ ତଳେ ସ୍କୁଲ ପିଲାଙ୍କୁ ୱାର୍ଡେନ୍ ସଂଗୀତା ପାତ୍ରଙ୍କ ଦ୍ୱାରା ମାଡ଼ ମରାଯିବା ଖବର ପାଇ ସ୍କୁଲ ପରିଚାଳନା କମିଟିର ସଭାପତି ଗୌରୀ ମାଛା ହଷ୍ଟେଲ ମଧ୍ୟକୁ ଯାଇ ପଚରାଉଚରା କରିବା ସହ ଏ ବାବଦରେ ପ୍ରଧାନଶିକ୍ଷକଙ୍କୁ ଜଣାଇଥିଲେ ମଧ୍ୟ ପ୍ରଧାନଶିକ୍ଷକ ତରୁଣ ଦେ ଚୁପ୍ ରହିଥିଲେ। ଏହାପରେ ଏ ନେଇ ସ୍କୁଲ ପରିଚାଳନା କମିଟି ଲିଖିତ ଭାବେ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ତେବେ ପୁନଃ ୨ ଦିନ ତଳେ ୱାର୍ଡେନ ଜଣକ ଦିନ ତମାମ ସ୍କୁଲ ପିଲାଙ୍କୁ ଖାଇବାକୁ ନ ଦେଇ ଗୋଟିଏ କୋଠରୀରେ ବନ୍ଦ କରି ଦେଇଥିବା ଖବର ପାଇ ସ୍କୁଲ ପରିଚାଳନା କମିଟିର ସଭାପତି ଗୌରୀ ମାଛା ହଷ୍ଟେଲ ମଧ୍ୟକୁ ଯାଇ ପଚରାଉଚରା କରିବାବେଳେ ସ୍କୁଲରେ ଥିବା ଅନ୍ୟ ଜଣେ ଶିକ୍ଷୟିତ୍ରୀ ଅଭିଲିପ୍ସା ତରାଇ ଶ୍ରୀମତୀ ମାଛାଙ୍କୁ କାହା ଅନୁମତିରେ ତୁମେ ଭିତରକୁ ଆସିଛ କହିବା ସହିତ ଜାତିଆଣ ଆକ୍ଷେପ କରି ଦୁର୍ବ୍ୟବହାର କରିଥିବା ଗୁରୁବାର ଅଭିଯୋଗ ହୋଇଛି। ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀମତୀ ମାଛା ଦାବି କରିଥିବାବେଳେ ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ଜେନାଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରି ଉଚିତ୍ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।




# ଚାଉଳ ବେପାରୀଙ୍କ କବ୍‌ଜାରେ ମହାରାଜପଲ୍ଲୀ ପଞ୍ଚାୟତ



ମୋଟୁ,୪।୧(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ୍ ମୋଟୁ ଥାନା ଅନ୍ତର୍ଗତ ମହାରାଜପଲ୍ଲୀ ପଞ୍ଚାୟତ ପରିସରରେ ଖୁଲମଖୁଲା ଚାଲିଛି ପିଡିଏସ୍ ଚାଉଳ ବ୍ୟବସାୟ। ଚାଉଳ ବେପାରୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର କିଛି ମିଟର ଦୂରରେ ଗୋଦାମ କରି କଳାବଜାରୀ କରୁଥିବା ଅଭିଯୋଗ ହୋଇଛି। ଗୋଦାମରେ ପ୍ରାୟ ଶତାଧିକ ବସ୍ତା ଚାଉଳ ଜମା ରଖିଥିବାର ଦେଖିବାକୁ ମିଳିଛି।

ସୂଚନା ମୁତାବକ, ଏମପିଭି ୮୧ ଗ୍ରାମର କାହ୍ନୁ ନାମକ ଜଣେ ବ୍ୟକ୍ତି ବର୍ଷ ବର୍ଷ ଧରି ମହାରାଜପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଗୋଦାମ କରି ଦିନ ଦିପ୍ରହରରେ ଚଳେଇଛନ୍ତି କଳା କାରବାର। ଏ ନେଇ ବାରମ୍ବାର ଖବର ପ୍ରସାରଣ ହେଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପ୍ରଶାସନର ଉଦାରପଣତାକୁ ଦର୍ଶାଉଛି। ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କ ପାଇଁ ମାସିକ ରାସନ ଦିଆଯାଉଥିବାବେଳେ ଏହାର ସୁଯୋଗ ନେଇ ଦଲାଲମାନେ ଚଳେଇଛନ୍ତି ଚାଉଳ କଳା କାରବାର। ଏ ନେଇ କାଲିମେଲା ବ୍ଲକ୍ ଯୋଗାଣ ନିରୀକ୍ଷକ କେ. ଗମାଙ୍ଗଙ୍କୁ ଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ଉଠେଇ ନ ଥିଲେ। ସାଧାରଣରେ ଆଲୋଚନା ହେଉଛି ଯେ, ଯୋଗାଣ ବିଭାଗ ଓ ବେପାରୀଙ୍କ ସଲାସୁତରାରେ ବର୍ଷ ବର୍ଷ ଧରି ପିଡିଏସ୍ ଚାଉଳ କଳାବଜାରୀ ଚାଲିଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶୀତ ଶିବିର

କାଶୀପୁର,୪।୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶ୍ରୀଗୁଣ୍ଡିଚା ବିହାର ପରିସରରେ ଗୁରୁବାର ଶିଶୁବାଟିକା, ବାଲ୍ ଭାରତୀ, କନ୍ୟା ଭାରତୀ ଶୀତ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଭାରତୀୟ ସ୍ୱାଭିମାନ ଟ୍ରଷ୍ଟର ସଭାପତି ତଥା ଜିଲ୍ଲା ଯୋଗ ପ୍ରଚାରକ ରାଜେଶ ଭାଇ, ପିଏଚଇଓ ଶଶାଙ୍କ ମହାନ୍ତି, ଭାରତୀ ଶବର ଯୋଗଦେଇ ଉଦଘାଟନ କରିଥିଲେ। ଏଥିରେ ଶିଶୁ ଭାଇଭଉଣୀମାନେ ପ୍ରାତଃ ୬ଟାରେ ଉପସ୍ଥିତ ହୋଇଥିଲେ। ଏହାପରେ ଶାରୀରିକ, ଶିଶୁମାନଙ୍କର ଶୈକ୍ଷିକ କଳାଂଶ, ଯୋଗ ଶିକ୍ଷା, ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୃନ୍ଦାବନ ସାହୁ, ସମ୍ମାନିତ ଅତିଥି ଭାବରେ ବୈକୁଣ୍ଠ ଗୌଡ଼ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁଜୀ ଗୁରୁମା', କର୍ମଚାରୀଙ୍କ ସହ ପରିଚାଳନା ମଣ୍ଡଳୀର ସଭ୍ୟସଭ୍ୟା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କିତ ପାଣ୍ଡୁଲିପି ମହାପ୍ରଭୁଙ୍କୁ ଅର୍ପଣ



ରାୟଗଡ଼ା,୪।୧(ସମିସ)

ରାୟଗଡ଼ା ଜିଲ୍ଲା ଗୁଣୁପୁର ପଞ୍ଚାୟତ ସମିତି ଅନ୍ତର୍ଗତ ଚାଲକମ୍ବା ଗ୍ରାମରେ ଅଧିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ପର୍କରେ ରଚିତ ପାଣ୍ଡୁଲିପି ମହାପ୍ରଭୁଙ୍କୁ ଅର୍ପଣ ହୋଇଯାଇଛି। 'ସତ୍ୟ ସନାତନ କ୍ଷେତ୍ର' ନାମକ ରଚିତ ଏହି ଓଡ଼ିଆ ପାଣ୍ଡୁଲିପି ଯଥାରୀତି ଅର୍ପଣ ହୋଇଛି। ବରିଷ୍ଠ ସାମ୍ବାଦିକ ତଥା ଆଦିବାସୀ ସଂସ୍କୃତି ଗବେଷକ ଡ. ପରେଶ ରଥଙ୍କ ରଚିତ ଏହି ପାଣ୍ଡୁଲିପିକୁ ମନ୍ଦିରର ମୁଖ୍ୟ ପୁରୋଧା ପ୍ରଫେସର ସତ୍ୟନାରାୟଣ ରଥ ସମ୍ପାଦନା କରିବେ ଏବଂ ଏହି ପୁସ୍ତିକାରେ ପାଠକଙ୍କୁ ପଦେ ଲେଖିବେ ଡ. ଦ୍ୱିତୀ ଚନ୍ଦ୍ର ସାହୁ। ରାୟଗଡ଼ା ଜିଲ୍ଲା ସଉରା ଆଦିବାସୀ ଜନଜାତି ବସତି ବେଷ୍ଟନି ଗୁଣୁପୁର ପଞ୍ଚାୟତ ଚାଲକମ୍ବା ଗ୍ରାମରେ ଶ୍ରୀଜଗନ୍ନାଥ ମନ୍ଦିର ୨୦୧୧ ମସିହାରେ ଭୂମିପୂଜା ହୋଇ ଆରମ୍ଭ ହୋଇଥିଲା। ୨୦୨୪ ମସିହାର ପବିତ୍ର ରଥଯାତ୍ରା ପାଳନ ଅବସରରେ ଏହି ପାଣ୍ଡୁଲିପିର ସଙ୍କଳନ ଏବଂ ମୁଦ୍ରଣ ସମ୍ପୂର୍ଣ୍ଣ ହୋଇ ଏହାର ଯଥାରୀତି ଉନ୍ମୋଚନ ହେବା ସହ ଏହାର କମ୍ପ୍ୟୁଟର ମୁଦ୍ରିତ ପୁସ୍ତକ ପ୍ରକାଶିତ ହେବାକୁ ଯାଉଛି ବୋଲି ରଚୟକ ପ୍ରକାଶ କରିଛନ୍ତି। ପାଣ୍ଡୁଲିପି ଅର୍ପଣ ଅବସରରେ ଲେଖକଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସତ୍ୟନାରାୟଣ ରଥ, ପ୍ରେମଲାଲ ମିଶ୍ର, ନୃସିଂହ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମାନ୍ତ ଗ୍ରାମ ପଞ୍ଚାୟତରେ ଗଡ଼ିଲା ବିକଶିତ ଭାରତ ସଂକଳ୍ପ ରଥ

ନନ୍ଦପୁର,୪।୧(ସମିସ): ବିକଶିତ ଭାରତ ସଂକଳ୍ପ କାର୍ଯ୍ୟକ୍ରମ ରଥ ନନ୍ଦପୁର ବ୍ଲକରେ ପରିକ୍ରମା କରିଛି। ବ୍ଲକ ସୀମାନ୍ତ ୪ଟି ଗ୍ରାମ ପଞ୍ଚାୟତ ଯଥା- ବାଡେଲ୍, ବାଲଡ଼ା, ଅତଣ୍ଡା, ବିଲାପୁଟ ଇତ୍ୟାଦି ପଞ୍ଚାୟତରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିକଶିତ ଭାରତ ସଂକଳ୍ପ ରଥ ପହଞ୍ଚିବା ପରେ ପଞ୍ଚାୟତମାନଙ୍କରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ସଂକଳ୍ପ ଅଭିଯାନର ଜିଲ୍ଲା ସଂଯୋଜକ ଚୈତନ୍ୟ ହନ୍ତାଳ, ଆର୍ଥିକ ସାକ୍ଷରତା ପରାମର୍ଶଦାତା ଇଷ୍ଟ ସଗରିଆ, ନାବାର୍ଡ କର୍ମକର୍ତ୍ତା, ପାଡୁଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରାସ ପ୍ରଜେକ୍ଟ ଡାଇରେକ୍ଟର ଏ. ଆଦି ନାରାୟଣ, ଫିଲ୍ଡ ଅଫିସର ପୂର୍ଣ୍ଣ ଚନ୍ଦ୍ର ଖିଲ, ଏସ୍. ସତ୍ୟ ନାରାୟଣ ରାଓ, ବିଲାପୁଟ ସରପଞ୍ଚ ରାଜ କିଶୋର ଲେନ୍ଦ୍ରୁ, ଆଇସିଡିଏସ୍ ସୁପରଭାଇଜର ହରପ୍ରିୟା ବେହେରା, ବିଲାପୁଟ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟ ଜର୍ସିଂ, ଜୟରାମ ଭୋଇ, ଅଙ୍ଗନବାଡ଼ି କର୍ମୀ, ଜୀବିକା ମିଶନର ଏମ୍‌ବିକେ, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀମାନେ ଯୋଗଦେଇଥିଲେ।

# ମାଲକାନଗିରିରେ ନୂତନ ଜିଲ୍ଲା ଜଜ୍‌ଙ୍କୁ ସମ୍ବର୍ଦ୍ଧନା




ମାଲକାନଗିରି,୪।୧(ସମିସ): ମାଲକାନଗିରି ଜିଲ୍ଲାରେ ନୂତନ ଭାବେ ବିକ୍ରମ ପଟ୍ଟନାୟକ ଗତ ୨ ତାରିଖରେ ଜିଲ୍ଲା ଦୌରା ଜଜ ଭାବେ ଯୋଗଦେଇଛନ୍ତି। ଶ୍ରୀ ପଟ୍ଟନାୟକଙ୍କୁ ଜିଲ୍ଲା ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଏକ ସଭାରେ ଓକିଲ ସଂଘ ତରଫରୁ ସମ୍ପାଦକ ନୃସିଂହ ଚରଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥି ଭାବେ ଓଡ଼ିଶା ବାର୍ କାଉନସିଲ ମେମ୍ବର ପି. ରମେଶ ପାତ୍ର ଯୋଗଦେଇଥିଲେ। ଜିଲ୍ଲା ଜଜଙ୍କୁ ବରିଷ୍ଠ ଆଇନଜୀବୀ ଅନଓର ସାହା ଓକିଲ ସଂଘ ତରଫରୁ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ଏଥିସହ ଓଡ଼ିଶା ବାର୍ କାଉନସିଲ ମେମ୍ବର ରମେଶ ପାତ୍ରଙ୍କୁ ମଧ୍ୟ ସମ୍ମାନିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏଡିଜେ ଉଦୟଭାନୁ ଜେନା, ସିଜେଏମ୍ ସତ୍ୟପ୍ରିୟ ଦାସ, ରେଜିଷ୍ଟ୍ରାର ଅରୁପ ନାୟକ, ସିଭିଲ ଜଜ୍ ବିଜୟ କୁମାର ଦାସ, ଡିଏଲଏସ୍‌ଏ ସେକ୍ରେଟାରୀ ରାକେଶ କୁମାର ମୁଦୁଲି, ସିନିୟର ସିଭିଲ୍ ଜଜ୍ ବବିତା ଦାଶ, ଏସଡିଜେଏମ୍ ରୁଦ୍ର ପ୍ରକାଶ ନାୟକ, ନ୍ୟାୟାଧିକାରୀ କୋରକୋଣ୍ଡା ଗ୍ରାମ ନ୍ୟାୟାଳୟ ଦେବେନ୍ଦ୍ର ବାଗ, ଓକିଲ ସଂଘ ସଭାପତି ଲମ୍ବୋଦର ତୁରୁକ, ଓଡ଼ିଶା ବାର୍ କାଉନସିଲ ମେମ୍ବର ପି. ରମେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ଭୂଦେବ ମହନନ୍ଦିଆ ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ପରାମର୍ଶ ଶିବିର

ଚନ୍ଦ୍ରପୁର,୪।୧(ସମିସ): ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକର ପଞ୍ଚାୟତ ସମିତି ସଭାଗୃହରେ ଗୁରୁବାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲ୍ଲା ଦକ୍ଷତା ବିକାଶ ନିଯୋଜନ ଅଧିକାରୀଙ୍କ ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ବ୍ଲକ୍ ଅଧ୍ୟକ୍ଷ କୋଇନ କିମ୍‌ବାକା ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ସରକାରୀ ଆଇଟିଆଇ ରାୟଗଡ଼ା, ରେମଣ୍ଡ ଟ୍ରେନିଂ, ସିଫେଟ୍ ପାରାଦୀପ, କୃଷି ବିଭାଗ କୋରାପୁଟ, ନିଟ୍ ଫାଉଣ୍ଡେସନ ଓ ଅନ୍ୟାନ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ କାରିଗରୀ କୌଶଳ ସମ୍ପର୍କରେ ତାଲିମ ନେବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ବ୍ଲକର ୧୨୦ ଜଣ ଯୁବକଯୁବତୀ ପଞ୍ଜୀକରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ନିଯୋଜନ ଅଧିକାରୀ ତତ୍ୱମସି ମହାପାତ୍ର, ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ବୁଡୁବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା ଯୋଗ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ରାୟଗଡ଼ା ଉଇଙ୍ଗ ଅଫିସର ଶିବ ମିଶ୍ରା ଓଡ଼ିଶା ଜୀବିକା ମିଶନର ବିପିଏମ୍, ଶ୍ରବଣ କୁମାର ସିଂ, ବିପିସି ପରିଚାଳନା କରିଥିବାବେଳେ ମିଶନ ଶକ୍ତିର କର୍ମଚାରୀମାନେ ସହଯୋଗ କରିଥିଲେ।

● ଦାଦନ ପାଇଁ ଯାଇ ଶ୍ରମିକ ନିଖୋଜ

# ଖୋଜିବାକୁ ପ୍ରଶାସନ ନିକଟରେ ଦୁଇ ପୁଅଙ୍କ ଆକୁଳ ନିବେଦନ

ତେନ୍ତୁଳିଖୁଣ୍ଟି,୪।୧(ସମିସ): ଦାଦନ ଖଟିବାକୁ ଯାଇ ଜଣେ ଶ୍ରମିକ ନିଖୋଜ ହୋଇଯାଇଥିବାବେଳେ ତାଙ୍କ ଦୁଇ ପୁଅ ଚିନ୍ତା ପ୍ରକଟ କରି ଖୋଜିବାକୁ ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ଏଭଳି ଘଟଣା ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ସୀମାନ୍ତ କଳାହାଣ୍ଡି ଜିଲ୍ଲା ବାହାଡ଼ାଘାଟ ଗ୍ରାମରେ ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ବାହାଡ଼ାଘାଟ ଗ୍ରାମର ମୁକ୍ତ ଜାନି(୬୦)ଙ୍କ ପରିବାରରେ ଦୁଇ ପୁଅ ରହିଥିବାବେଳେ ସ୍ତ୍ରୀ ଦୀର୍ଘ ଦିନ ହେଲା ଆରପାରିକୁ ଚାଲିଯାଇଛନ୍ତି। ଏଭଳି ସମୟରେ ପରିଣତ ବୟସରେ ପରିବାର ପୋଷିବା ପାଇଁ ପର ଘରେ କାମ କରୁଥିଲେ ମୁକ୍ତ। ପରେ ଇନ୍ଦ୍ରାବତୀ ବଜାରର ଜଣେ ବ୍ୟବସାୟୀଙ୍କ ନିଜ ଘର କେରଳରେ ହୋଇଥିବାବେଳେ ସେଠାରେ କାମ କରିବାକୁ ତାଙ୍କ ସହ କେରଳ ଯାଉଥିଲେ। ବ୍ୟବସାୟୀ ଜଣକ ନିଜ ପରିବାର ସହ ଅନ୍ୟ ଏକ ବଗିରେ ଥିବାବେଳେ ମୁକ୍ତ ତାଙ୍କ ଅନ୍ୟ ସହଯୋଗୀଙ୍କ ସହ ଆଉ ଏକ ବଗିରେ ବସିଥିଲେ। ତେବେ ତାମିଲନାଡୁର ଇରୋଡ଼ ଷ୍ଟେସନ୍‌ରେ ସେ ପାଣି ପାଇଁ ଟ୍ରେନ୍ ବାହାରକୁ ଆସିଥିଲେ। ତା' ପରଠାରୁ ତାଙ୍କର ଆଉ କିଛି ସୁରାକ ମିଳି ନ ଥିଲା। ଏହାପରେ ତାମିଲନାଡୁର ଇରୋଡ଼ ଷ୍ଟେସନରେ ନିଖୋଜ ହୋଇଯାଇଥିବା ନେଇ ସାଥିରେ ଯାଇଥିବା ଗ୍ରାମର ଅନ୍ୟମାନେ ମୁକ୍ତଙ୍କ ଦୁଇ ପୁଅଙ୍କୁ ଖବର ଦେଇଥିଲେ।



ଖବର ପାଇ ବଡ଼ପୁଅ ଭୀମ ଜାନି (୨୦) ଉକ୍ତ ଷ୍ଟେସନ୍ ଯାଇ ଖୋଜଖୋଜି କରିଥିଲେ ସୁଦ୍ଧା ବାପାଙ୍କ କୌଣସି ଖବର ନ ପାଇ ନିରାଶ ହୋଇ ଫେରିଛନ୍ତି। ଏବେ ରୋଜଗାରିଆ ବାପାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି ଦୁଇ ପୁଅ। ତାଙ୍କ ବାପାଙ୍କୁ ଖୋଜିବା ପାଇଁ ଗଣମାଧ୍ୟମ ଜରିଆରେ ପ୍ରଶାସନ ନିକଟରେ ପୁଅ ଭୀମ ଜାନି ନିବେଦନ କରିଛନ୍ତି।

## କ୍ଷିତୀଶଙ୍କ ବ୍ୟାଙ୍କିଙ୍ଗ ଫାଇନାନ୍ସରେ ଡକ୍ଟରେଟ୍ ଲାଭ



ଅସ୍ତରଙ୍ଗ ବ୍ଲକ ଘଣ୍ଟିକେଣ ଗ୍ରାମ ର ନଟକିଶର ମହାନ୍ତି ଏବଂ ରଂଜିତା ପ୍ରଭା ମହାନ୍ତିଙ୍କର ସୁପୁତ୍ର ଶ୍ରୀମାନ କ୍ଷିତିଶ କୁମାର ମହାନ୍ତି ବି ଟେକ୍, ଏମ ଟେକ୍, ଏମ ବି ଏ ସହିତ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ବ୍ୟାକିଙ୍ଗ ଫାଇନାନ୍ସ ରେ ଡକଟରେଟ ଲାଭ କରିଛନ୍ତି।

## ପିଏଚ୍.ଡି ଲାଭ



ଅବିକେଶ ପ୍ରସାଦ କୁମାର ମହାପାତ୍ର ଓପିଜେଏସ ବିଶ୍ୱ ବିଦ୍ୟାଳୟର ଫାର୍ମାସିଶିକ୍ଷା ଓ ଗବେଷଣା ବିଭାଗ ପ୍ରଫେସର ନିରଜ ଗୁପ୍ତାଙ୍କ ତତ୍ୱାବଧାନରେ ଗବେଷଣା କରି ଓପିଜେଏସବିଶ୍ୱ ବିଦ୍ୟାଳୟ ଚୁରୁ, ରାଜସ୍ଥାନରୁ ପି. ଏଚ. ଡି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।ତାହାଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ "FORMULATION AND DEVELOPMENT OF TASTE MASKEDSUBLINGUAL TABLET DOSAGE FORM OF AN ANTIPSYCHOTIC DRUG USING ANOVAL NATURAL DISINTEGRATE." ଭଗତ ଫୁଲ ସିଂ ମହିଳା ବିଶ୍ୱ ବିଦ୍ୟାଳୟ ହରିୟାନାରପ୍ରାଧ୍ୟାପକ ଡଃ ଗୁଲସନ କୁମାରଙ୍କ ଦ୍ୱାରା ଉଚ୍ଚ ପ୍ରଶଂଶିତ ହୋଇଅଛି । ସେ ଓଡିଶାର ଗଞ୍ଜାମ ଜିଲ୍ଲାକୋଦଳା ସ୍ଥିତ ସ୍ୱତନ୍ତ୍ର ବି.ଏଡ.କଲେଜ ଅଧ୍ୟକ୍ଷ ପ୍ରଫେସର ଡଃ ବିଭୂତି ଭୂଷଣ ମହାପାତ୍ର ଓ ପ୍ରୋକ୍ତକଲେଜର ପ୍ରାଧ୍ୟାପିକା ଡଃ ଅନିତା ନନ୍ଦଙ୍କ ଦ୍ୱିତୀୟ ସନ୍ତାନ । ବ୍ରହ୍ମପୁର ସ୍ୱର୍ଣ୍ଣମୟୀ ନଗର ସ୍ଥିତ ଶ୍ରୀ ପ୍ରସନ୍ନ କୁମାର ପାଢୀଙ୍କ ଜ୍ୟେଷ୍ଠ ଜାମାତା ।

# ଅଭିମନ୍ତ୍ରିତ ଅକ୍ଷତ ଚାଉଳ ସହ ନିମନ୍ତ୍ରଣ ପତ୍ର ଓ ଫଟୋ ବଣ୍ଟନ ଅଭିଯାନ

ନାରାୟଣପାଟଣା,୪।୧(ସମିସ): ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ଅଯୋଧ୍ୟାରୁ ଆସିଥିବା ଅଭିମନ୍ତ୍ରିତ ଅକ୍ଷତ ଚାଉଳ ସହ ନିମନ୍ତ୍ରଣ ପତ୍ର ଓ ଫଟୋକୁ ଗୁରୁବାର ନାରାୟଣପାଟଣା ବ୍ଲକର ପ୍ରତି ପଞ୍ଚାୟତରେ ଘରକୁ ଘର ବଣ୍ଟନ ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ନାରାୟଣପାଟଣା ଆର୍‌ଏସ୍‌ଏସ୍ ଖଣ୍ଡ କାର୍ଯ୍ୟବାହ ରମେଶ କୌଶଲ୍ୟା, ପାଳକ ସଂଘର ସ୍ୱୟଂ ସେବକ ବାୟା ମହାନନ୍ଦିଆ, ସଂଯୋଜକ କେ. ଦେବୀ ପ୍ରସାଦ, ଶ୍ରୀବତ୍ସ ମହାନ୍ତି, କ୍ଷେତ୍ରମୋହନ ବାଘ, ସୁରଥ ଡାକୁଆ, ସମ୍ପର୍କ ପ୍ରମୁଖ ପ୍ରତାପ କୁମାର ରଥ, ଖଣ୍ଡ ବୌଦ୍ଧିକ ପ୍ରମୁଖ ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ରମେଶ ଦାସଙ୍କ ସହ ଜଗନ୍ନାଥ ମନ୍ଦିର ପୂଜକ ଅଜିତ ତ୍ରିପାଠୀ ସହଯୋଗ କରିଥିଲେ।

● ତଳଓଲୁବାଡ଼ି ଗ୍ରାମକୁ ସରକାରୀ ଯୋଜନା ଅପହଞ୍ଚ

# ନାହିଁ ପକ୍କା ରାସ୍ତା; ଗାଁରେ ପହଞ୍ଚି ପାରୁନି ଆମ୍ବୁଲାନ୍ସ

## ସମସ୍ୟାର ସମାଧାନ ନ ହେଲେ ଭୋଟ୍ ବର୍ଜନ ଚେତାବନୀ

ନାରାୟଣପାଟଣା,୪।୧(ସମିସ)

କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ଲଙ୍ଗଳ ବେଡ଼ା ପଞ୍ଚାୟତର ତଳଓଲୁବାଡ଼ି ଗ୍ରାମକୁ ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ସରକାରୀ ଯୋଜନା ଅପହଞ୍ଚ ହୋଇ ରହିଛି। ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ସରକାରୀ ଯୋଜନା ଅପହଞ୍ଚ ରହିଥିବାବେଳେ ବର୍ଷ ବର୍ଷ ଧରି ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମକୁ ପକ୍କା ରାସ୍ତା ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇବା ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ସାଧାରଣ ନିର୍ବାଚନକୁ ଗ୍ରାମବାସୀ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ନାରାୟଣପାଟଣା ବ୍ଲକ୍ ଲଙ୍ଗଳ ବେଡ଼ା ପଞ୍ଚାୟତର ତଳଓଲୁବାଡ଼ା ଗ୍ରାମ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ରହିଥିବାବେଳେ ସ୍ୱାଧୀନତାର ୭୭ ବର୍ଷ ଅତିକ୍ରମ କରିବା ପରେ ବି ଏହି ଗ୍ରାମକୁ ଏଯାଏଁ ପକ୍କା ରାସ୍ତାଟିଏ ନିର୍ମାଣ କରାଯାଇନାହିଁ। ଫଳରେ ଗ୍ରାମବାସୀ ପାହାଡ଼ିଆ ମାଟି ଘାଟି ରାସ୍ତା ଦେଇ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଚଳିତ ବର୍ଷ ଆବାସ ଯୋଜନାରେ ୧୧ ଜଣ ହିତାଧିକାରୀ ଯୋଡ଼ିହୋଇଛନ୍ତି। କିନ୍ତୁ ଗାଁକୁ ରାସ୍ତା ନ ଥିବାରୁ ଗାଡ଼ି ଯାଇପାରି ନ ଥିବା କାରଣରୁ ଘର କରିବାରେ ବହୁ ଅସୁବିଧା ହେଉଛି। ରାସ୍ତା ନ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚିପାରୁ ନ ଥିବାରୁ ଗୁରୁତର ରୋଗୀଙ୍କୁ ଦୋଳା କରି ବୋହି ମେଡିକାଲକୁ ନେବାକୁ ପଡୁଛି। ଖରାଦିନେ ଯେମିତି ସେମିତି ଚଳିଯାଉଥିବାବେଳେ ବର୍ଷାଦିନେ ପାହାଡ଼ କାଦୁଅ ରାସ୍ତା ଦେଇ ଦୋଳାରେ ରୋଗୀଙ୍କୁ ଦୁଇରୁ ଅଢ଼େଇ କିଲୋମିଟର ବୋହି ପିଚୁ ରାସ୍ତାକୁ ଆଣିବା ପରେ ଆମ୍ବୁଲାନ୍ସରେ ମେଡିକାଲ ନେବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ବିଧାୟକ, ସାଂସଦଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ରାସ୍ତା ନିର୍ମାଣ ସହ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆ ନ ଗଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେବା ସହ ନିର୍ବାଚନୀ ପ୍ରଚାର ପାଇଁ ଆସୁଥିବା କୌଣସି ରାଜନେତାଙ୍କୁ ମଧ୍ୟ ଗ୍ରାମକୁ ପ୍ରବେଶ କରାଇଦେବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ନାରାୟଣପାଟଣା ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।





### କଳାଜିରା ଧାନକୁ ଜିଆଇ ଟ୍ୟାଗ୍; ଚାଷୀ ମହଲରେ ଖୁସି

# ଶ୍ରୀମନ୍ଦିର ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର ପାଇଁ ଯୋଜନା



**କୋରାପୁଟ,୪ା୧(ସମିସ)**

କୋରାପୁଟ କଫି, ଝାଡୁ, ସାବୁନ ଓ ହଳଦୀ ପରେ ବିରଳ ଧାନ କୋରାପୁଟିଆ କଳାଜିରା ଧାନକୁ ଜିଆଇ ଟ୍ୟାଗ୍ ପ୍ରଦାନ କରାଯାଇଛି। ଯାହା ଏବେ କୋରାପୁଟ ଜିଲ୍ଲା ପାଇଁ ଏକ ନୂତନ ପରିଚୟ ଆଣିଦେଇଛି। ଏହାଦ୍ୱାରା ଏବେ ବିରଳ ଧାନ ସଂରକ୍ଷଣରେ କୋରାପୁଟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କେଉଁ ଅନାଦି କାଳରୁ କୋରାପୁଟ ଅଞ୍ଚଳର ଗିରି କନ୍ଦର ମଧ୍ୟରେ ଆଦିବାସୀ ଚାଷୀଙ୍କ ଦ୍ୱାରା ସଂରକ୍ଷିତ ହୋଇ ରହିଥିବା ଏହି ଧାନ ଏକ ସାମୂହିକ ସମ୍ପଦ ଓ ଐତିହ୍ୟ ଭାବେ ସମଗ୍ର ଅଞ୍ଚଳରେ ଆନନ୍ଦ ଭରି ଦେଇଛି। ପ୍ରଗତି ଏବଂ ଜୈବିକ ଶ୍ରୀ କମ୍ପାନୀ ଦ୍ୱାରା ସ୍ଥାନୀୟ, ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ କଳାଜିରା ଧାନର ବ୍ୟାପକ ପ୍ରଚାରପ୍ରସାର କରିବା ପାଇଁ ପ୍ରୟାସ ଜାରି ରହିଥିବାବେଳେ ବର୍ତ୍ତମାନ ଜିଆଇ ଟ୍ୟାଗ ମିଳିବା ପରେ ଶାବର ଶ୍ରୀକ୍ଷେତ୍ରକୁ ଗର୍ବ ଓ ଗୌରବ ଆଣିଥିବା ଏହି ଧାନରୁ ବାହାରୁଥିବା ସୁଗନ୍ଧିତ ଚାଉଳକୁ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତିରେ ବ୍ୟବହାର କରାଇବା ପାଇଁ ଯୋଜନା ଥିବା ପ୍ରଗତିର ସମ୍ପାଦକ ପ୍ରଭାକର ଅଧିକାରୀ କହିଛନ୍ତି।

ଏବେ ଜିଲ୍ଲା ପ୍ରଶାସନ ଆଉ ଏକ ପାଦ ଆଗକୁ ଆସି କଳାଜିରା ଧାନ ଭଳି ଅନ୍ୟ ବିରଳ ଧାନଗୁଡ଼ିକ ବିଲୁପ୍ତ ହେବା ପୂର୍ବରୁ ଚାଷୀଙ୍କୁ ଉତ୍ସାହିତ କରିବା ସହ ବଜାରୀକରଣ ବ୍ୟବସ୍ଥା କଲେ ଅନେକ ବିରଳ କିସମର ଧାନ ବିଲୁପ୍ତ ନହୋଇ ଓଡ଼ିଶା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ଶ୍ରୀ ଅଧିକାରୀ ମତ ରଖିଛନ୍ତି। ଏହି ଧାନ କୋରାପୁଟରେ ବହୁଳ ଭାବେ ଚାଷ କରାଯାଉଥିବା ବେଳେ ଦିନକୁ ଦିନ ଏହାର ଆଦର ଜିଲ୍ଲା ବାହାରର ବଜାର ସମେତ ଜାତୀୟ ବଜାରରେ ମଧ୍ୟ ଆଦୃତ ହେବାରେ ଲାଗିଛି। ଏକର ପିଛା ଏହା ୫ରୁ ୧୦ କୁଇଣ୍ଟାଲ ଧାନ ଅମଳ ହେବା ସହ ୧୪୦ ରୁ ୧୫୫ଦିନରେ ଏହା ଚାଷ ହେଉଛି। ସେଭଳି ଯେଉଁ ଧାନକୁ ନେଇ କୋରାପୁଟର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା ସେହି ଧାନ କିଭଳି ବଞ୍ଚିବ ଏବଂ ପ୍ରତିବର୍ଷ ଅଧିକାରୁ ଅଧିକା ଚାଷୀ ଏହାକୁ ଚାଷ କରିବେ ସେ ଦିଗରେ ପ୍ରଗତି ସ୍ୱେଚ୍ଛାସେବୀ ସଂଗଠନ, ଜିଲ୍ଲା ପ୍ରଶାସନ ତଥା ନାବାର୍ଡର ମିଳିତ ପ୍ରୟାସ ଜାରି ରହିଛି। ଏହି ବିରଳ ଧାନର ଅନ୍ତର୍ଜାତୀୟ ବଜାର ସୃଷ୍ଟି କରିବା ପାଇଁ ଏହାର ଜିଆଇ ମାନ୍ୟତା ପାଇଁ ପ୍ରଚେଷ୍ଟା ଜୋର୍ ଧରିଥିବାବେଳେ ବୁଧବାର ଏହାକୁ ଜିଆଇ ଟ୍ୟାଗ୍ ମିଳିଥିବା ଘୋଷଣା କରାଯାଇଥିବା ପ୍ରଗତିର ସମ୍ପାଦକ ଶ୍ରୀ ଅଧିକାରୀ କହିଛନ୍ତି। ଏବେ ଜୟପୁର, ବୋରିଗୁମ୍ମା, କୋଟପାଡ଼, ବୈପାରିଗୁଡ଼ା ସହ ୧୪ଟି ବ୍ଲକରେ ଏହି ଧାନଚାଷ ହେଉଛି।

ମୁଖ୍ୟତଃ ଆଦିବାସୀ ମହିଳା ଏହି ବିରଳ ଧାନଚାଷ କରୁଥିବା ଜଣାପଡ଼ିଛି। କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ୧୮୦୦ ଚାଷୀ କଳାଜିରା ଧାନ ଚାଷ କରୁଥିବ ବେଳେ ବାର୍ଷିକ ୨୦୦ କୁଇଣ୍ଟାଲ ଧାନ ଅମଳ ହେଉଥିବା ଜଣାପଡ଼ିଛି। ବିଶେଷ କରି ପ୍ରଗତିର ସହଯୋଗରେ ଗଠିତ ଜୈବିକ ଶ୍ରୀ ଫାର୍ମର୍ସ ପ୍ରଡ୍ୟୁସର କମ୍ପାନୀର ନେତୃତ୍ୱରେ ଚାଷୀ ଶ୍ରୀ ପଦ୍ଧତିରେ ଏହି ଧାନଚାଷ କରି ବେଶ୍ ଲାଭବାନ ହୋଇଥିବା ଜଣାପଡ଼ିଛି। ବିଶେଷକରି ଖିରି ଓ ବିରିୟାନି ପ୍ରସ୍ତୁତ କରିବାରେ ବ୍ୟବହୃତ ହେଉଥିବା ଏହି ଧାନରେ ପ୍ରାକୃତିକ ଦୁର୍ବିପାକକୁ ସହ୍ୟ କରିବାର ଦକ୍ଷତା ଅନ୍ୟାନ୍ୟ ଧାନ ଅପେକ୍ଷା ଢେର୍ ଅଧିକ ବୋଲି କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜୈବ ବିବିଧତା ବିଭାଗରେ ଏକ ଅଧ୍ୟୟନରୁ ଜଣାପଡ଼ିଥିବା ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଦେବବ୍ରତ ପଣ୍ଡା ଜଣାଇଛନ୍ତି। କୋରାପୁଟ ଜିଲ୍ଲାର ୧୬୦ ପ୍ରକାରର ଧାନର ଗୁଣବତ୍ତାକୁ ନେଇ ଏହି ବିଶ୍ୱବିଦ୍ୟାଳୟରେ ଗବେଷଣା ଚାଲିଥିବାବେଳେ କଳାଜିରା ଧାନରେ ବିଭିନ୍ନ ଔଷଧୀୟ ଗୁଣ ରହିଥିବା ଯୋଗୁଁ ଏହାର ଆଦର ବଢ଼ି ଚାଲିଛି। କଳାଜିରା ଧାନକୁ ଜିଆଇ ଟ୍ୟାଗ୍ ମିଳିଲା ପରେ ଏହି ଧାନର ଚାଷୀ ହିସାବରେ ଅତ୍ୟନ୍ତ ଖୁସି ଥିବା ଚାଷୀ ସୁରେନ୍ଦ୍ର ଗାଦବା କହିଛନ୍ତି।

### ନୂଆ ବର୍ଷ ଆରମ୍ଭରୁ ବିଇଓଙ୍କ ଛାଟ

# ଅନୁପସ୍ଥିତି ଯୋଗୁଁ ୩୩ ଶିକ୍ଷକଶିକ୍ଷୟିତ୍ରୀ ଓ ସିଆରସିସିଙ୍କ ଦରମା ବନ୍ଦ




**କୋଷାଗୁମୁଡ଼ା,୪ା୧(ସମିସ)**

ନୂଆ ବର୍ଷ ଆରମ୍ଭରୁ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଶିକ୍ଷକଶିକ୍ଷୟିତ୍ରୀ ଓ ସିଆର୍‌ସିସିଙ୍କୁ ବାଜିଛି କୋଷାଗୁମୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ଛାଟ। ଏକ୍ମାସ ଛୁଟି ପରେ ମଧ୍ୟ କାର୍ଯ୍ୟରେ ଯୋଗଦେଇ ନ ଥିବା କୋଷାଗୁମୁଡ଼ା ବ୍ଲକରେ କାର୍ଯ୍ୟରତ ୩୩ ଜଣ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଓ ସିଆରସିସିଙ୍କ ଦରମାକୁ ବିଇଓ ବନ୍ଦ କରିଛନ୍ତି।

ସୂଚନାପ୍ରକାରେ, ଡିସେମ୍ବର ଏକ୍ମାସ ଛୁଟି ଜାନୁଆରୀ ୧ରେ ଶେଷ ହୋଇଥିବାବେଳେ ଜାନୁଆରୀ ୨ରେ ବିଦ୍ୟାଳୟ ଖୋଲିଛି। କିନ୍ତୁ ୩ ତାରିଖ ସୁଦ୍ଧା ବିଦ୍ୟାଳୟରେ ବହୁ ଶିକ୍ଷକଶିକ୍ଷୟିତ୍ରୀ ଓ ସିଆରସିସି କାର୍ଯ୍ୟରେ ଯୋଗଦେଇ ନ ଥିଲେ। ଏପରିକି ସେମାନେ କାର୍ଯ୍ୟାଳୟରେ ଛୁଟି ଦରଖାସ୍ତ ମଧ୍ୟ ପ୍ରଦାନ କରିନଥିଲେ। ଫଳରେ କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଇ ଅନୁପସ୍ଥିତ ରହିଥିବା ୩୩ ଜଣ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ସିଆରସିସିଙ୍କ ଦରମାକୁ କୋଷାଗୁମୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ବନ୍ଦ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପାଖକୁ ଚିଠି କରିଥିବା ସୂଚନା ମିଳିଛି। ସୂଚନାପ୍ରକାରେ, କୋଷାଗୁମୁଡ଼ା ବ୍ଲକର ସମସ୍ତ ବିଦ୍ୟାଳୟ ଏକ୍ମାସ ଛୁଟି ପରେ ଗତ ୨ ତାରିଖରେ ଖୋଲିଥିଲା। ବିଦ୍ୟାଳୟ ଖୋଲିବା ପରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସିଆରସିସିମାନେ ପ୍ରତ୍ୟେକ ବିଦ୍ୟାଳୟକୁ ଯାଇ ଅନୁସନ୍ଧାନ କରିଥିଲେ। ୩ ତାରିଖ ପର୍ଯ୍ୟନ୍ତ ଯେଉଁ ଶିକ୍ଷକଶିକ୍ଷୟିତ୍ରୀମାନେ ଅନୁପସ୍ଥିତ ରହିଥିଲେ ସେମାନଙ୍କ ନାମ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଅନୁଯାୟୀ, ଅନୁପସ୍ଥିତ ଶିକ୍ଷକଶିକ୍ଷୟିତ୍ରୀଙ୍କ ଡିସେମ୍ବର ମାସର ଦରମା ବନ୍ଦ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ଓ ଜିଲ୍ଲା ପ୍ରୋଜେକ୍ଟ କୋଅର୍ଡିନେଟର ସମଗ୍ର ଶିକ୍ଷା ବିଭାଗକୁ ଚିଠି ପଠାଇଛନ୍ତି। ୨୪ ଜଣ ଟିଜିଟି ପ୍ରାଥମିକ ଶିକ୍ଷକଶିକ୍ଷୟିତ୍ରୀ, ୫ ଜଣ ସିଆରସିସି, ୪ ଜଣ ୟୁଜିଏଚଏସ୍ ହାଇସ୍କୁଲ ଶିକ୍ଷକଙ୍କୁ ମିଶାଇ ମୋଟ ୩୩ ଜଣଙ୍କ ଦରମା ବନ୍ଦ କରିବା ପାଇଁ ବିଇଓ ଉକ୍ତ ଚିଠିରେ ଦର୍ଶାଇଥିବା ସୂଚନା ମିଳିଛି। ସେଥିମଧ୍ୟରୁ ୨୪ ଜଣ ଟିଜିଟି ଶିକ୍ଷକଶିକ୍ଷୟିତ୍ରୀ ଅନୁପସ୍ଥିତି ଥିବାରୁ ତାଙ୍କ ଦରମା ବନ୍ଦ କରାଯାଇଥିବାବେଳେ ୫ ଜଣ ସିଆରସିସିଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ଦରମା ବନ୍ଦ କରାଯାଇଛି ବୋଲି ବିଇଓ ଡିଇଓଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ପ୍ରସ୍ତୁତି ବୈଠକ

**ଡାବୁଗାଁ,୪ା୧(ସମିସ)**




ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷଠାରେ ଜଗନ୍ନାଥ ସଂସ୍କୃତି, ପରମ୍ପରାର ପ୍ରଚାର ଓ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦାନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ଅଧ୍ୟକ୍ଷା ବୀଣା ମାଝିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତସ୍ତରରେ ପ୍ରତ୍ୟେକ ଗ୍ରାମରୁ ପ୍ରତି ଘରୁ ମୁଠାଏ ଚାଉଳ ଓ ଗୋଟିଏ ଗୁଆ ସଂଗ୍ରହ କରାଯିବ। ୧୭ ତାରିଖ ପୂର୍ବରୁ ସଂଗ୍ରହ ହୋଇଥିବା ଚାଉଳ ଓ ଗୁଆ ପୁରୀକୁ ପଠାଯିବ। ପ୍ରତି ପଞ୍ଚାୟତରୁ ୨୦ ଜଣ ଲେଖାଏଁ ଲୋକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ପୁରୀ ପଠାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ୧୭ ତାରିଖ ଦିନ ପଞ୍ଚାୟତ ଓ ବ୍ଲକ ସଦର ମହକୁମାରେ ଏଲଇଡି ମାଧ୍ୟମରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବର ସିଧା ପ୍ରସାରଣ ଲୋକମାନଙ୍କୁ ଦେଖାଯିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ବିଡିଓ ଶରତ ମାଝୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ସାଂସଦ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ଆପ୍ପା ରାଓ, ବ୍ଲକ୍ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଧନସିଂ ଭତରା, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରବୀଣ ପଟ୍ଟନାୟକ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି ପ୍ରସାଦ, ପ୍ରଭାକର ମୁଦୁଲି, ପର୍ଶୁରାମ ମାଳୀ, ଅର୍ଜୁନ ଭତରା, ହଳଧର ଜାନୀ, ସମସ୍ତ ପଞ୍ଚାୟତ ସରପଞ୍ଚ, ଗ୍ରାମ ରୋଜଗାର ସେବକସେବିକା, ଯୋଗାଣ ସହାୟକମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ



**ନବରଙ୍ଗପୁର,୪ା୧(ସମିସ):** ନବରଙ୍ଗପୁର ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଗୁରୁବାର ସ୍ଥାନୀୟ ପଞ୍ଚାୟତ ସାଧନା କେନ୍ଦ୍ର ସଭାଗୃହରେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ଆରମ୍ଭ ହୋଇଥିବା ଯୋଜନା ନୂତନ ଉନ୍ନତ ଅଭିଳାଷା (ନୂଆ)ରେ କିଭଳି ଶିକ୍ଷିତ ଯୁବକଯୁବତୀମାନଙ୍କୁ ଉନ୍ନତମାନର ତାଲିମ୍ ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକକୁ ତିନିଟି ତାଲିମ୍ ପ୍ରଦାନକାରୀ ସଂସ୍ଥା ଶିବାନୀ ଏଡୁକେସନାଲ ଏଣ୍ଡ ଚାରିଟେବଲ ଟ୍ରଷ୍ଟ, କାମ୍ପାଭାଇ ଭୋକେସ୍‌ନାଲ ଟ୍ରେନିଂ ଇନଷ୍ଟିଚ୍ୟୁଟ ଓ ଓରିଆକ୍ସ ସିକ୍ୟୁରିଟି ଫୋର୍ସ ପ୍ରାଇଭେଟ ଲିମିଟେଡକୁ ଆମନ୍ତ୍ରଣ କରାଯାଇଥିଲା। ଉକ୍ତ ସଂସ୍ଥାଗୁଡ଼ିକ ସେମାନଙ୍କର ତାଲିମ୍ ପ୍ରଦାନ ପାଇଁ ଆବେଦନ କରିଥିବା ଟ୍ରେଡ ସମ୍ବନ୍ଧରେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ବିଭିନ୍ନ ଉନ୍ନତମାନର ଟ୍ରେଡ ତଥା ଜୁନିୟର ସଫ୍ଟୱେର ଡେଭଲପର, ଫୁଡ୍ ପ୍ରୋସେସିଂ ସେକ୍ଟର, ଡିଜିଟାଲ ମାର୍କେଟିଂ ମ୍ୟାନେଜର୍, ଇ-କମର୍ସ, ୱାଟର ଡିଷ୍ଟ୍ରିବ୍ୟୁସନ ଟେକ୍ନିସିଆନ ଇତ୍ୟାଦି ଟ୍ରେଡ୍ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲ୍ଲାର ଶିକ୍ଷିତ ଯୁବକଯୁବତୀମାନେ କିପରି ଅଧିକ ସଂଖ୍ୟାରେ ଦକ୍ଷତା କାଶ ତାଲିମ୍ ଏବଂ ବୈଷୟିକ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିବା ସହିତ ଏହି ଶିକ୍ଷା କ୍ଷେତ୍ରରେ ସଫଳତା ଲାଭ କରି ରୋଜଗାରକ୍ଷମ ହୋଇ ନିଜର ଉନ୍ନତ ଭବିଷ୍ୟତ ଗଢ଼ିବାରେ ସକ୍ଷମ ହୋଇପାରିବେ ସେ ନେଇ ଜିଲ୍ଲାପାଳ ଡ. ମିଶ୍ର ଗୁରୁତ୍ୱ ଦେଇଥିଲେ। ବିଶେଷ କରି ଜିଲ୍ଲାର ଯୁବକଯୁବତୀମାନଙ୍କ ପାଇଁ ଆବଶ୍ୟକତା ଥିବା ତାଲିମ୍ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ତାଲିମ୍ ପ୍ରଦାନକାରୀ ସଂସ୍ଥାକୁ ଜିଲ୍ଲାପାଳ ଡ. ମିଶ୍ର ପରାମର୍ଶ ଦେଇଥିଲେ। ବୈଠକରେ ଆଲୋଚନା କରାଯାଇଥିବା ପ୍ରସ୍ତାବଗୁଡ଼ିକର ତର୍ଜମା କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ ବୋଲି ଜିଲ୍ଲା ନିଯୋଜନ ଅଧିକାରୀ ପ୍ରକାଶ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଏଲ୍‌ଡିଏମ୍ ସୁନୀଲ କୁମାର ଯମୁଡ଼ା, ଏଡିଭିଓ ଡା. ଦିଲ୍ଲୀପ କୁମାର କବିରାଜ, ଓରମାସ୍‌ର ଇଏ ଧର୍ମେନ୍ଦ୍ର କୁମାର ମାହଲା, ଓଏଲ୍‌ଏମ୍‌ର ଡିପିଏମ୍ ହର୍ଷନନ୍ଦ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ନିଯୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ ବୈଠକକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜସେବା ପାଇଁ ଅଧ୍ୟାପକଙ୍କ ସ୍ୱେଚ୍ଛାକୃତ ଇସ୍ତଫା



**ଚନ୍ଦାହାଣ୍ଡି,୪ା୧(ସମିସ):** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସଦର ମହକୁମା ସ୍ଥିତ ପାନାବେଡ଼ା ଜୁନିୟର ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବିଶିକେଶନ ପାଢ଼ୀ ଗୁରୁବାର ଚାକିରିରୁ ସ୍ୱେଚ୍ଛାକୃତ ଇସ୍ତଫା ଦେଇଛନ୍ତି। ସେ କଲେଜର ଅଧ୍ୟକ୍ଷ ନଳିନୀ କୁମାର ଦାସଙ୍କୁ ନିଜ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ସେ ସମାଜସେବା ପାଇଁ ଚାକିରି ଛାଡୁଥିବା ଉଲ୍ଲେଖ କରିଛନ୍ତି। ପ୍ରକାଶ ଥାଉକି, ଶ୍ରୀ ପାଢ଼ୀ ୧୯୯୯ ମସିହାରେ ପାନାବେଡ଼ା ମହାବିଦ୍ୟାଳୟରେ ଇଂରାଜୀ ଅଧ୍ୟାପକ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ତାଙ୍କ ଶିକ୍ଷକତା ଶୈଳୀ ଉଚ୍ଚକୋଟିର ରହିଥିଲା। ଶ୍ରୀ ପାଢ଼ୀଙ୍କ ଅବସର, ଆଗକୁ ବୋର୍ଡ ପରୀକ୍ଷା ଥିବାରୁ ଛାତ୍ରଛାତ୍ରୀ ଇଂରାଜୀ ବିଷୟ ପ୍ରତି ଚିନ୍ତିତ ଥିବା ଜଣାପଡ଼ିଛି। ଶ୍ରୀ ପାଢ଼ୀଙ୍କ ଇସ୍ତଫା ପ୍ରଦାନ ସମୟରେ ସହକର୍ମୀ ଅରୁଣ କୁମାର ହୋତା, ଅନୀଲ କୁମାର ପୃଷ୍ଟି, କିରାଣି ତ୍ରିଜନ ନାୟକ, ପୂର୍ଣ୍ଣ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




**କୋରୁକୋଣ୍ଡା/ବାଲିମେଳା,୪ା୧(ସମିସ):** ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଓର୍କେଲ ପୁଲିସ ପକ୍ଷରୁ ଗୁରୁବାର ବାଲିମେଳା ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଓର୍କେଲ ଥାନା ଅଧିକାରୀ ଧୀରେନ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲା ଡିଏସପି ଦିନେଶ କୁମାର ନାୟକ, ଚିତ୍ରକୋଣ୍ଡା ଏସଡିପିଓ ଅଲେକ୍ସିୟସ କିସପୋଟା, ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ସରୋଜ କୁମାର ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଏନସିସି ଛାତ୍ର ବୃନ୍ଦଙ୍କ ସମେତ ଏସଆଇ ମନୋହର ସାହୁ, ଏସଆଇ ନରେନ୍ଦ୍ର ପ୍ରସାଦ ଭତ୍ରା, ଏଏସଆଇ ମିନାକ୍ଷୀ ଦାସ, ଆଚାର୍ଯ୍ୟା ରେଣୁବାଳା ନାୟକ, ଯଶ୍ମୀରେଖା ବିଶ୍ୱାଳଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସଡ଼କ ସୁରକ୍ଷା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଶିଶୁ ମନ୍ଦିରର ନବମ ଶ୍ରେଣୀର ଛାତ୍ରୀ ସ୍ମୃତିରେଖା ପ୍ରଧାନ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଉର୍ମି ଦଳାଇ, ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଛାତ୍ର ନୀତେଷ କୁମାର ପାଙ୍ଗି। ଏମାନଙ୍କ ସହ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁଲିସ ପ୍ରଶାସନ ପକ୍ଷରୁ ମଞ୍ଚାସୀନ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହାପରେ ସଡ଼କ ସୁରକ୍ଷା ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସଚେତନ କରିବା ପାଇଁ ଏକ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସମୟରେ ରାସ୍ତାରେ ହେଲମେଟ ପିନ୍ଧି ବାଇକ ଚଳାଉଥିବା ଚାଳକମାନଙ୍କୁ ପୁଲିଶ ପକ୍ଷରୁ ଗୋଲାପ ଫୁଲ ପ୍ରଦାନ କରାଯାଇଥିଲା। ଏହା ପରେ ଏମଭି-୩୭, ବାଲିମେଳା ଛକ ଓ ଆଖପାଖ ଅଞ୍ଚଳରେ ମଧ୍ୟ ସଚେତନତା କରାଯାଇଛି।

### ନିର୍ବାଚନ ପୂର୍ବରୁ ଛତିଶଗଡ଼-ମାଲକାନଗିରି ପୁଲିସ ସମନ୍ୱୟ ବୈଠକ

# ମାଓ ଗତିବିଧିକୁ ନେଇ ସମୀକ୍ଷା

**ମାଲକାନଗିରି,୪ା୧(ସମିସ)**



ନିର୍ବାଚନ ସମୟ ପାଖେଇ ଆସୁଥିବାବେଳେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରାଇବା ପାଇଁ ମାଲକାନଗିରି ଜିଲ୍ଲା ସୀମାନ୍ତରେ ଥିବା ଛତିଶଗଡ଼ ପୁଲିସ ଏବଂ ମାଲକାନଗିରି ଜିଲ୍ଲାର ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗତ କିଛିଦିନ ପୂର୍ବେ ଜିଲ୍ଲା ସୀମାନ୍ତକୁ ଲାଗି ରହିଥିବା ଛତିଶଗଡ଼ରେ ନିର୍ବାଚନ ପ୍ରକ୍ରିୟା ହୋଇଥିବାବେଳେ ସେଠାରେ ନିର୍ବାଚନ ଭଣ୍ଡୁର କରିବା ପାଇଁ ମାଓବାଦୀମାନେ ଅନେକ ବଡ଼ ବଡ଼ ହିଂସାକାଣ୍ଡ ଘଟାଇଥିଲେ। ଯାହା ଫଳରେ ଅନେକ ପ୍ରକାରର ବାଧା ସୃଷ୍ଟି ହୋଇଥିବାବେଳେ ଆଗାମୀ ଦିନରେ ଓଡ଼ିଶାରେ ନିର୍ବାଚନ ହେବାକୁ ଥିବାରୁ ଏହାକୁ କିପରି ଶାନ୍ତିଶୃଙ୍ଖଳାର ସହ ଏବଂ ହିଂସାମୁକ୍ତ କରାଯିବ ସେନେଇ ଗୁରୁବାର ଏହି ବୈଠକରେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ସୁକମା ପୁଲିସର ଅତିରିକ୍ତ ଅଧୀକ୍ଷକ ଆକାଶ ମାର୍କମଙ୍କ ସହ ଅନ୍ୟ ପୁଲିସ ବିଭାଗର ଅଧିକାରୀ ଏବଂ ମାଲକାନଗିରିର ଜିଲ୍ଲାର ଅତିରିକ୍ତ ପୁଲିସ ଅଧୀକ୍ଷକ ମନୋଜ ସିଂ, ଏସଡିପିଓ ସଚିନ ପଟେଲ, ମାଲକାନଗିରି ଓ ମାଥିଲି ଥାନା ଅଧିକାରୀ ଏବଂ ଅନ୍ୟ ଗେଜେଟେଡ୍ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ଲୋକସଭା ନିର୍ବାଚନ ୨୦୨୪କୁ ଦୃଷ୍ଟିରେ ରଖି ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ବିଭିନ୍ନ ତଥ୍ୟକୁ ନେଇ ଆଲୋଚନା କରାଯାଇଥିଲା। ଛତିଶଗଡ଼ର ସୀମାକୁ ମାଲକାନଗିରି ଜିଲ୍ଲା ଲାଗି ରହିଥିବାବେଳେ ନିର୍ବାଚନ ସମୟରେ ମାଓବାଦୀମାନେ ମାଲକାନଗିରି ଜିଲ୍ଲାରେ ହିଂସାକାଣ୍ଡ ଭିଆଇବାର ଆଶଙ୍କା ଥିବାବେଳେ ଏହା ପୂର୍ବରୁ ଉଭୟ ପୁଲିସ ମିଳିତ ରୂପେ କିପରି ମାଓ ବିରୋଧୀ ଅପରେସନ୍ କରିବେ ଏବଂ ଚେକ୍ ପୋଷ୍ଟ ସ୍ଥାପନ କରି ଅପରାଧିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଯିବ ସେନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା। ବିଶେଷକରି ମାଲକାନଗିରି ଜିଲ୍ଲାରେ ଗତ କିଛିଦିନ ଧରି ମାଓ ସାମଗ୍ରୀ ଜବତବେଳେ ଛତିଶଗଡ଼ ଓ ଆନ୍ଧ୍ରର ମାଓବାଦୀଙ୍କ ଦ୍ୱାରା ଗତିବିଧି ବଢ଼ିବାରେ ଲାଗିଥିବା ଜଣାପଡ଼ିଛି। ଏହାକୁ ନିର୍ବାଚନ ପୂର୍ବରୁ କିପରି ରୋକ୍ ଲଗାଯିବ ସେନେଇ ମଧ୍ୟ ବିଭିନ୍ନ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି।

## ନାଗେଶ୍ୱରୀ ପାହାଡ଼ ଖନନ ପ୍ରସଙ୍ଗ
# ଅପପ୍ରଚାର ଦୂର ପାଇଁ ଗ୍ରାମବାସୀଙ୍କ ସହ ଆଲୋଚନା



**ନନ୍ଦପୁର,୪।୧(ସମିସ):** କୋରାପୁଟ ଜିଲ୍ଲା ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ ନାଗେଶ୍ୱରୀ ପାହାଡ଼ ଖନନ ଲିକ୍ ଆଦାନୀ ଗ୍ରୁପ୍ ପାଇଛି। ଅଞ୍ଚଳବାସୀଙ୍କ ମଧ୍ୟରେ ନାଗେଶ୍ୱରୀ ପାହାଡ଼କୁ ଖନନ ବନ୍ଦ କରିବାକୁ ସଂଘ, ସଂଗଠନ, ଗୋଷ୍ଠୀ ଗଠନ ଆରମ୍ଭ କରାଯାଇ ବିରୋଧ କରୁଥିବାବେଳେ ବର୍ତ୍ତମାନ ଗ୍ରାମମୁହାଁ ହୋଇ କର୍ତ୍ତୃପକ୍ଷ ଲୋକଙ୍କ ସହ ସିଧାସଳଖ ଆଲୋଚନା କରୁଥିବା ଦେଖାଯାଇଛି। ପ୍ରାୟ ବର୍ଷେ ହେବ ପାହାଡ଼ ଲିଜ୍ ଖବର ପରେ ନାଗେଶ୍‌ବରୀ ସୁରକ୍ଷା ନେଇ, ପାହାଡ଼ ଖନନ ବନ୍ଦ ନେଇ ପାହାଡ଼ ଚତୁଃପାର୍ଶ୍ୱରେ ରହିଥିବା ଗ୍ରାମ ପଞ୍ଚାୟତ ସରପଞ୍ଚ ଲୋକ ପ୍ରତିନିଧିମାନେ ମେଳିକରି ନାଗେଶ୍ୱରୀ ପାହାଡ଼ ବଞ୍ଚାଅ ଅଭିଯାନ ଆରମ୍ଭ କରିଛନ୍ତି। ସେପଟେ ନାଗେଶ୍ୱରୀ ପାହାଡ଼ ଖନନ ଲିଜ ନେଇ ସର୍ଭେ କାର୍ଯ୍ୟ ଆରମ୍ଭ କରିବା ସହ ପାରିପାର୍ଶ୍ୱିକ ରହିଥିବା ପାଞ୍ଚ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଗ୍ରାମଗୁଡ଼ିକରେ କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚି ସିଧା ଲୋକଙ୍କ ସହ ଆଲୋଚନା କରିବା ସହ କମ୍ପାନୀ ବିପକ୍ଷରେ ହେଉଥିବା ଅପପ୍ରଚାର ଉପରେ ଶଙ୍କା ଦୂର କରୁଥିବା ଜଣାପଡ଼ିଛି। ତେବେ ପାହାଡ଼ ଖନନ ନେଇ ଏପର୍ଯ୍ୟନ୍ତ କୌଣସି ଜନଶୁଣାଣି ହୋଇନାହିଁ। ଜନଶୁଣାଣି ପରେ ପାହାଡ଼ର ଭବିଷ୍ୟତ କ'ଣ ହେବ ସେଥିପ୍ରତି ସମସ୍ତଙ୍କ ନଜର ରହିଛି।

## ଲେଞ୍ଜିଗୁଡ଼ାରେ ସେତୁ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ
# ଦେଶୀ ଡଙ୍ଗାରେ ବିପଦସଙ୍କୁଳ ଯାତ୍ରା

**ସେମିଳିଗୁଡ଼ା,୪।୧(ସମିସ)**

କେରାଣ୍ଡି ନଦୀ ପାର୍ ହେବା ପାଇଁ ଦେଶୀ ଡଙ୍ଗା ହିଁ ଭରସା। ବିପଦଶଙ୍କୁଳ ଅବସ୍ଥାରେ ଯାତ୍ରୀ ଯାତାୟତ କରନ୍ତି। ତେଣୁ ଲେଞ୍ଜିଗୁଡ଼ାରେ ଏକ ସେତୁ ନିର୍ମାଣ କରିବା ପାଇଁ ଦାବି ହୋଇଛି। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଚାରଙ୍ଗୁଲ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ଲେଞ୍ଜିଗୁଡ଼ାରୁ ପାର୍ ହୋଇ ସୁନାବେଡ଼ା ପୌରପାଳିକାକୁ ଯିବାପାଇଁ ମଝିରେ ସଂଯୋଗ କରୁଥିବା କେରାଣ୍ଡି ନଦୀ ରହିଛି। ଏହି ନଦୀ ପାର୍ ହେବାପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଥି ଯୋଗୁଁ ସେତୁ ନିର୍ମାଣ ନିମନ୍ତେ ଚାରଙ୍ଗୁଲ ପଞ୍ଚାୟତର କୋଡ଼ିଏ ଖଣ୍ଡ ଗ୍ରାମବାସୀ ଗୁରୁବାର ଆଇହେଚ୍‌ଆରଡି କୋରାପୁଟ ଜିଲ୍ଲା ସଭାନେତ୍ରୀ ସଫନା ବିଶ୍ୱାସଙ୍କ ଲେଞ୍ଜିଗୁଡ଼ା ଗସ୍ତ ଅବସରରେ ତାଙ୍କୁ ସେତୁ ନିର୍ମାଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ ଯେ, ଦୀର୍ଘବର୍ଷ ଧରି ଅଞ୍ଚଳବାସୀ ଡଙ୍ଗା ମାଧ୍ୟମରେ ଲେଞ୍ଜିଗୁଡ଼ାରୁ ଜଡ଼ଗୁଡ଼ା ପର୍ଯ୍ୟନ୍ତ



ଜୀବନକୁ ବାଜି ଲଗାଇ ବଜାର, ସୁନାବେଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏବଂ ଛାତ୍ରଛାତ୍ରୀମାନେ ସ୍କୁଲ କଲେଜ ଯିବାଆସିବା ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୁଲି ମଜୁରିଆମାନେ ମଧ୍ୟ ଜୀବନ ଜୀବିକା ପାଇଁ ଅସୁବିଧା ହେଉଥିବା କହିଛନ୍ତି। ଚାରାଙ୍ଗୁଲ୍ ପଞ୍ଚାୟତର ଲେଞ୍ଜିଗୁଡ଼ାରୁ ନଦୀ ପାର୍ କରି ସୁନାବେଡ଼ାକୁ ମାତ୍ର ୩ କିଲୋମିଟରରେ ସଂଯୋଗ କରୁଥିବାବେଳେ ନଦୀ ପାର୍ ନ ହୋଇ ରାସ୍ତା ଦେଇ ଗଲେ ଗାଁରୁ ବୁଲି ବୁଲି ସୁନାବେଡ଼ା ପହଞ୍ଚିବାକୁ ପ୍ରାୟ ୨୨ କିଲୋମିଟର ଅତିକ୍ରମ କରିବାକୁ ପଡୁଛି। ଏହି ସମସ୍ୟା ସମ୍ପର୍କରେ ଗୁରୁବାର କୋରାପୁଟ ଜିଲ୍ଲା ସଭାନେତ୍ରୀ ଆଇଏଚ୍‌ଆରଡିଙ୍କୁ ଗ୍ରାମବାସୀ, ସରପଞ୍ଚ, ସମିତିସଭ୍ୟ ଏବଂ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ସେମିଳିଗୁଡ଼ା ବ୍ଲକ୍ ଅଧକ୍ଷା ଲିଲି ଅଣ୍ଟାବିରିୟା, ବିଜେଡି ବ୍ଲକ୍ ସଭାପତି ରାମ ଅଣ୍ଟାବିରିୟା, ଚାରାଙ୍ଗୁଲ ଗ୍ରାମ ପଞ୍ଚାୟତର ସମିତିସଭ୍ୟ ସାମା ସାଖୀଆ, ରୋମିଲ କୁଲଦୀପ, ଚାରଙ୍ଗୁଲ ସରପଞ୍ଚ ଫୁଲମତି ପୂଜାରୀ ପ୍ରମୁଖ ଦାବିପତ୍ର ଦେବାବେଳେ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ, ଅନେକ ଥର ସେମାନେ କୋରାପୁଟ ଜିଲ୍ଲାପାଳ, ବିଧାୟକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏ ବିଷୟରେ ଅବଗତ କରାଇଛନ୍ତି। ଆଜି ଯାଏଁ ଏହି ସମସ୍ୟାର ସମାଧାନ ହୋଇପାରି ନାହିଁ। ସେତୁ ନିର୍ମାଣ ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ଯଥାଶୀଘ୍ର ସେତୁ ନିର୍ମାଣ ପାଇଁ ସେମାନେ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷଙ୍କୁ ଅନୁରୋଧ କରିଛନ୍ତି।

# ଦେଓମାଳି ପବ୍ଲିକ୍ ସ୍କୁଲର ପ୍ରତିଷ୍ଠା ଦିବସ



**ସେମିଳିଗୁଡ଼ା,୪।୧(ସମିସ)**

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ନିକଟସ୍ଥ ବେହେରାଗୁଡ଼ା ସ୍ଥିତ ଦେଓମାଳି ପବ୍ଲିକ ସ୍କୁଲର ୧୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍କୁଲର ଅଧକ୍ଷ କେ. କରାମତ ଅଲ୍ଲିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ଚେୟାରମ୍ୟାନ ଜୟଚନ୍ଦ୍ର ଖେମୁଣ୍ଡୁ, ସାଧାରଣ ସମ୍ପାଦକ ତଥା ସୁନାବେଡ଼ା ପୌରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର, କୋଷାଧକ୍ଷ ଏଲ୍. ପ୍ରଦୀପ ପାତ୍ର, ପରିଚାଳନା କମିଟିର ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଦଶମ ଶ୍ରେଣୀର ଛାତ୍ରୀ ସ୍ମୃତିରେଖା ପାଙ୍ଗି ଚଳିତ ବର୍ଷର ସ୍ପୋର୍ଟସ ଚାମ୍ପିଅନ ବିବେଚିତ ହୋଇ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରକୁ ମଧ୍ୟ ଉକ୍ତ ଅତିଥିବୃନ୍ଦ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ ଡମ୍ବରୁଧର ଖାଡ଼ା, ରାଜା ରାଓ ସୁବୁଦ୍ଧି, ବିଶ୍ୱେମ୍ବର ପାଳ, ବି.ଆର୍. ଖେମୁଣ୍ଡୁ, ତିଳକ ଖେମୁଣ୍ଡୁଙ୍କ ସମେତ ସୁନାବେଡ଼ା ପୌର ପରିଷଦର କାଉନସିଲର ବୃନ୍ଦ, ସମାଜସେବୀ ଦୁର୍ଗା ପ୍ରସାଦ ପାତ୍ର, ଶେଖ ଇବ୍ରାହିମ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଓ

**● ୩୦ ୟୁନିଟ୍ ରକ୍ତ ସଂଗ୍ରହ**

ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ସ୍କୁଲ ପରିଚାଳନା କମିଟିର ସଦସ୍ୟ ବି. ତିରୁପତି ପାତ୍ର, ବି. ଅଶୋକ ପାତ୍ର, ଦିଲ୍ଲୀପ ପାତ୍ର, ସ୍କୁଲର ଉପାଧକ୍ଷ ଜୟ ବାଡତ୍ୟା, ଶିକ୍ଷକ ରବୀନ୍ଦ୍ର ମହାନ୍ତି, ଲକ୍ଷ୍ମୀକାନ୍ତ ପୃଷ୍ଟି, ମଧୁସ୍ମିତା ବେହେରା, ଆଲୋକ ପ୍ରସାଦ ରାଉତ, ଚନ୍ଦନ ଶ୍ରୀହରିଆ, ରୁନୁ ବରାଡ଼, ମଧୁମିତା ବେହେରା, ରବି ଖରା ଏବଂ ପ୍ରଣତି ପରିଡ଼ାଙ୍କ ସମେତ ୩୦ ଜଣ ରକ୍ତଦାନ କରିଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସ୍‌ପିଟାଲ ରକ୍ତଦାନ କେନ୍ଦ୍ର ଅଧିକାରୀ ଡା. ଫକିର ଚରଣ ମୁଣ୍ଡାଙ୍କ ତତ୍ତ୍ୱାବଧାନରେ ଭି. ଗଙ୍ଗାଧର, ଦେବବ୍ରତ ଦାଶ, ବିଶ୍ୱୟିନୀ ନାୟକ, ସୁରେଶ କୁମାର ନାୟକ, ରବୀନ୍ଦ୍ର ମିଶ୍ର ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ● ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର
# ୨୫୮ ଜଣଙ୍କ ନାମ ପଞ୍ଜିକୃତ

**କୁନ୍ଦୁରା,୪।୧(ସମିସ)**

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନ୍ଦୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡୀ ଅଧକ୍ଷତା କରିଥିବାବେଳେ ଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ପଞ୍ଚାୟତ ସମିତି ଅଧକ୍ଷା ରାଜେଶ୍ୱରୀ ପରଜା, କୋରାପୁଟ ଜିଲ୍ଲା ମହିଳା ବିଜେଡିର ପର୍ଯ୍ୟବେକ୍ଷିକା ତଥା 'ମୁକ୍ତା' ଯୋଜନାର ଉପଦେଷ୍ଟା ମିରା ପରିଡ଼ା, ଉପାଧକ୍ଷ ତରୁଣୀ ସେନ ବିଶୋୟୀ, ଏବିଡିଓ ରାମ ପ୍ରସାଦ ଦୋରା, ତହସିଲଦାର ବିନୋଦ ଚନ୍ଦ୍ର ନାୟକ, ବ୍ଲକ୍ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି, କୁନ୍ଦୁରା ସରପଞ୍ଚ ଲବ ପରଜା, ଜିପିଇଓ ସୁରେଶ ହୋତା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମର ବହୁତ ଦିନ ପୂର୍ବରୁ ବିଭିନ୍ନ ଗ୍ରାମ ପଞ୍ଚାୟତଗୁଡ଼ିକରେ କାର୍ଯ୍ୟରତ



ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଯୋଗାଣ ସହାୟକ, ଅଙ୍ଗନବାଡ଼ି କର୍ମୀ ଏବଂ ଆଶାମାନଙ୍କ ମାଧ୍ୟମରେ ସମସ୍ତଙ୍କୁ ସୂଚନା ଦେବା ସହ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ନେଇ ଅବଗତ କରାଇଥିଲେ। ତାକୁ ଆଧାର କରି ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା, ପେନ୍‌ସନ୍ ଆବେଦନକାରୀ, ଶାରୀରିକ ବିକଳାଙ୍ଗ ଯୋଗଦେଇଥିଲେ। ଯୋଗଦେଇଥିବା ଲୋକଙ୍କ ପଞ୍ଜୀକରଣ କରିବା ନିମନ୍ତେ ଶିକ୍ଷକମାନେ ଯୋଗଦେଇଥିଲେ। ସମସ୍ତ ବିଶେଷଜ୍ଞ ରହି ଚିକିତ୍ସା ସମେତ ରୋଗୀ ଚିହ୍ନଟ କରିଥିଲେ। ଏଥିରେ ୨୫୮ ଜଣ ନିଜ ନାମ ପଞ୍ଜୀକରଣ କରିଥିବାବେଳେ ସେଥିମଧ୍ୟରେ ଦୃଷ୍ଟିବାଧିତ ୨୬, ମୂକ-ବଧିର ୫୬, ଅସ୍ଥିଶଲ୍ୟ ୧୧୩, ମାନସିକ ରୋଗୀ ୪୦ ଏବଂ ସିକିଲ ସେଲ ୨୩ ଜଣ ଚିହ୍ନଟ କରାଯାଇଛି। ଏଥିସହ ୪୪ ଜଣଙ୍କୁ ବସ୍ ପାସ୍, ୬୦ ଜଣଙ୍କୁ ଆୟ ପ୍ରମାଣ ପତ୍ର ତତ୍‌କ୍ଷଣାତ ପ୍ରଦାନ କରାଯାଇଥିଲା। ବରିଷ୍ଠ ସହାୟକ ବସନ୍ତ ଭୋଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍-ବାଇକ୍ ଦୁର୍ଘଟଣାରେ ଦୁଇ ଆହତ

**ଉମରକୋଟ,୪।୧(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ଆଇଟିଆଇ ଯିବା ରୋଡ୍ ଛକରେ କାର୍ ବାଇକ୍ ଦୁର୍ଘଟଣାରେ ଦୁଇ ଜଣ ଆହତ ହୋଇଛନ୍ତି। ଆହତ ଦୁଇ ଜଣ ଝରିଗାଁ ବାଣୁଆଗୁଡ଼ା ଗ୍ରାମର ଡିଫେନ୍ସ ରାଜ ଠାକୁର ଓ ୟୁଭି ୫୨ ନଂର ରଙ୍ଗବାଲା ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ଡିଫେନ୍ସ, ବାଲା ଓ ରାଜମିସ୍ତ୍ରି ତିନି ଜଣ ବାଇକ୍ ଯୋଗେ ୫୨ ନଂଠାରୁ ବଣୁଆଗୁଡ଼ା ଯାଉଥିଲେ। ଏହି ସମୟରେ ଆଇଟିଆଇ ଯିବା ରାସ୍ତା ଛକରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକରେ ଥିବା ତିନି ଜଣ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତିନି ଜଣଙ୍କୁ ଉଦ୍ଧାର କରି ଦୁର୍ଘଟଣାଗ୍ରସ୍ତ କାରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆହତଙ୍କୁ ପଠାଇଥିଲେ। ଡିଫେନସଙ୍କ ମୁହଁରେ ଆଘାତ ଲାଗିଥିବାବେଳେ ରଙ୍ଗଙ୍କ ମୁଣ୍ଡ ପଛପଟ ଫାଟିଯାଇଛି। ରାଜଙ୍କୁ ସାମାନ୍ୟ ଆଘାତ ଲାଗିଛି। ବର୍ତ୍ତମାନ ଏ ଦୁହେଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

## ■ ୪ ଦିନ ଧରି ଉମରକୋଟରେ ପରିମଳ ବ୍ୟବସ୍ଥା ଠପ୍
# ପୌର କାର୍ଯ୍ୟାଳୟ ଆଗରେ ଆବର୍ଜନା ଜମାକରି ପ୍ରତିବାଦ



**ଉମରକୋଟ,୪।୧(ସମିସ)**

ଉମରକୋଟ ସହରରେ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଆନ୍ଦୋଳନର ଚତୁର୍ଥ ଦିନରେ ସଫେଇ କର୍ମଚାରୀମାନେ ଉମରକୋଟ ପୌରପାଳିକା କାର୍ଯ୍ୟାଳୟ ଆଗରେ ଅଳିଆ ଆବର୍ଜନା ଜମା କରି ଅଭିନବ ପ୍ରତିବାଦ କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବା ଯୋଗୁଁ ଗତ ୪ ଦିନ ଧରି ଉମରକୋଟ ସହରରେ ପରିମଳ ବ୍ୟବସ୍ଥା ଠପ୍ ହୋଇଥିବାବେଳେ ସହରର ପ୍ରତ୍ୟେକ ସ୍ଥାନରେ ଆବର୍ଜନା ଜମା ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ସୂଚନାପ୍ରକାରେ, ମାସିକ ଦରମା ଠିକ୍ ଭାବରେ ଦିଆଯାଉ ନ ଥିବା ଓ ସଫେଇ କାର୍ଯ୍ୟ ନିମନ୍ତେ ସେଫ୍ଟି ବୁଟ୍ ଓ ଗ୍ଲୋବସ ଯୋଗାଇ ଦିଆଯାଉ ନ ଥିବା ଅଭିଯୋଗ କରିବା ସହ ବିଭିନ୍ନ ଦାବି ନେଇ ସଫେଇ କର୍ମଚାରୀମାନେ ଗତ ୧ ତାରିଖଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନୂଆ ବର୍ଷ ଦିନ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ସଫେଇ କର୍ମଚାରୀ ପ୍ରତିବାଦ କରିଥିଲେ। କିନ୍ତୁ ସେମାନଙ୍କ ପ୍ରତିବାଦକୁ ଅଣଦେଖା କରୁଥିବାରୁ ସେମାନେ ଗତ ୪ ଦିନ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିବା ସଫେଇ କର୍ମଚାରୀମାନେ କହିଛନ୍ତି। ଚତୁର୍ଥ ଦିନରେ ସଫେଇ କର୍ମଚାରୀମାନେ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅଳିଆ ପକାଇ ପ୍ରତିବାଦ କରିଛନ୍ତି। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ଗୁରୁବାର ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ବନ୍ଦ ରହିଥିଲା। ଆନ୍ଦୋଳନ ଜାରି ରହିଥିବାବେଳେ ଠିକାଦାରଙ୍କ ଦେଖା ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ବାବଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେନିଆଙ୍କୁ ଯୋଗାଯୋଗ କରିବାରୁ ସମସ୍ତ ଦାବିକୁ ଗ୍ରହଣ କରାଯାଇଛି। ଠିକାଦାର ଆସିଲେ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି।



# ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର

**ବୋରିଗୁମ୍ମା,୪।୧(ସମିସ):** ବୋରିଗୁମ୍ମା ଥାନା ଅନ୍ତର୍ଗତ ଦେଉଳଗୁଡ଼ା ନିକଟରେ ଥିବା ଜଙ୍ଗଲରୁ ଗଳିତ ମୃତଦେହ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ଗୁରୁବାର ଦେଉଳଗୁଡ଼ାର କିଛି ଯୁବତୀ ଫୁଲ ତୋଳିବା ପାଇଁ ପାହାଡ଼ ଉପରକୁ ଯାଇଥିଲେ। ସେଠାରେ ଏକ ଗଛ ମୂଳରେ ଏକ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ତୁରନ୍ତ ଗାଁ ଲୋକଙ୍କୁ ଖବର ଦେଇଥିଲେ। ପରେ ଗ୍ରାମବାସୀ ବୋରିଗୁମ୍ମା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଯାହା ପ୍ରାଥମିକ ତଦନ୍ତରୁ ଜଣାପଡୁଛି ବ୍ୟକ୍ତି ଜଣକ ଆତ୍ମହତ୍ୟା କରିଥାଇପାରନ୍ତି। କାରଣ ଗଳିତ ମୃତଦେହ ନିକଟରେ କିଛି କୀଟନାଶକ ବୋତଲ ଓ ପାଣି ବୋତଲ ପଡ଼ି ରହିଛି। ଏ ପର୍ଯ୍ୟନ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ପୁଲିସ ଏସଆଇ ରଚିତା ମାଡକାମୀ, ଏଏସଆଇ ବସନ୍ତ କୁମାର ନାଗ, ସୁବାସ ଷଡ଼ଙ୍ଗୀଙ୍କ ସହ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

# ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ; କଟକ ସ୍ଥାନାନ୍ତର
## ପ୍ରଶାସନିକ ଅଧିକାରୀଙ୍କ ବୁଝାସୁଝା ପରେ କଟକ ଯିବାକୁ ରାଜି ହେଲେ

**ଜୟପୁର,୪।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବ୍ଲକ୍ ପାତ୍ରପୁଟ ଗ୍ରାମ ବାସିନ୍ଦା ପଦ୍ମଶ୍ରୀ କମଳା ପୂଜାରୀ ଅସୁସ୍ଥ ହୋଇଛନ୍ତି। ମଙ୍ଗଳବାର ସେ ସାମାନ୍ୟ ଅସୁସ୍ଥତା ଅନୁଭବ କରିବାରୁ ସନ୍ଧ୍ୟାରେ ତାଙ୍କୁ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଗୁରୁବାର ପୂର୍ବାହ୍ଣରେ ତାଙ୍କର ବାର୍ଦ୍ଧକ୍ୟଜନିତ ସମସ୍ୟା ଓ କିଡନୀଜନିତ ସମସ୍ୟା ରହିଥିବା ଯୋଗୁଁ ଜିଲ୍ଲା ଚିକିତ୍ସାଳୟ ଡାକ୍ତର ଦଳଙ୍କ ପରାମର୍ଶ କ୍ରମେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ(ଏସସିବି) ମେଡିକାଲ କଲେଜକୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଅପରାହ୍ଣରେ ସ୍ଥାନାନ୍ତରିତ କରାଯାଇଛି।

ଚିକିତ୍ସା କରୁଥିବା ଡାକ୍ତରୀ ଦଳର ମୁଖ୍ୟ



ତଥା ଜିଲ୍ଲା ଚିକିତ୍ସାଳୟର ଅଧୀକ୍ଷକ ଡା. ରବିନ୍ଦ୍ରନାଥ ମିଶ୍ରଙ୍କ ସୂଚନା ପ୍ରକାରେ, ତାଙ୍କ ସ୍ୱାସ୍ଥ୍ୟ ସ୍ଥିର ରହିଥିବାବେଳେ ଅଧିକ ଚିକିତ୍ସା ଏବଂ କିଡନୀ ବିଶେଷଜ୍ଞ ଡାକ୍ତର ଦ୍ୱାରା ଚିକିତ୍ସା ନେଇ କଟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି। ପଦ୍ମଶ୍ରୀ କମଳାଙ୍କୁ ଗତ ଦୁଇଦିନ ପୂର୍ବରୁ ଜ୍ୱର ହେବାରୁ ସେ ଅସୁସ୍ଥତା ଅନୁଭବ କରିଥିଲେ। ମଙ୍ଗଳବାର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ତାଙ୍କ ବାସସ୍ଥାନ ଜୟପୁର ବ୍ଲକ ଡଙ୍ଗରଛିଞ୍ଚି ଗ୍ରାମ ପଞ୍ଚାୟତର ପାତ୍ରପୁଟ ଗ୍ରାମରୁ ଅଣାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡା. ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା. ଦିଲ୍ଲୀପ ବିଶ୍ୱାଳ, ଡା. ସୁନୀଲ କୁମାର ଭତ୍ରା, ଡା. ରତିକାନ୍ତ ଖଟୁଆ, ଡା. ଦୀପ୍ତି ପ୍ରକାଶ ମହାପାତ୍ର, ଡା. ବିଶ୍ୱଜିତ୍ ପତି, ଡା. ଶିବସାଇ ସ୍ୱରୂପ ପ୍ରମୁଖଙ୍କୁ ନେଇ ଗଠିତ ଦଳ ଚିକିତ୍ସା କରୁଛନ୍ତି। ପଦ୍ମଶ୍ରୀ କମଳାଙ୍କୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର କ୍ୟାବିନରେ ରଖାଯାଇ ଚିକିତ୍ସା କରାଯାଉଛି। ୨୦୨୨ ଅଗଷ୍ଟ ମାସରେ ଏବଂ ଅକ୍ଟୋବର ମାସରେ ମଧ୍ୟ ତାଙ୍କର ଅସୁସ୍ଥତା ଯୋଗୁଁ କଟକ ବଡ଼ ମେଡିକାଲ କଲେଜକୁ ପଠାଯାଇ ଚିକିତ୍ସା କରାଯାଇଥିଲା। ଖବରପାଇ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ କୁମାର ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚି ଡାକ୍ତରମାନଙ୍କ ସହିତ ଆଲୋଚନା କରିଥିଲେ। କଟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ ନେଇ ବ୍ୟବସ୍ଥା କରିଥିଲେ। କିନ୍ତୁ ପଦ୍ମଶ୍ରୀ କମଳା କଟକ ମେଡିକାଲ କଲେଜକୁ ଯିବାପାଇଁ ମନା କରିଥିଲେ। ଶେଷରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଡାକ୍ତରମାନଙ୍କ ବୁଝାସୁଝା ପରେ ସେ ରାଜି ହୋଇ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କଟକ ଆସିଥିଲେ।

# ବ୍ଲକ୍‌ସ୍ତରୀୟ ସଡ଼କ ସୁରକ୍ଷା ସଚେତନତା



**ପାପଡାହାଣ୍ଡି,୪।୧(ସମିସ):** ଗୁରୁବାର ପାପଡ଼ାହାଣ୍ଡିସ୍ଥିତ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାପଡ଼ାହାଣ୍ଡି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୂମିକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ନାୟକ, ବାଳକ ଦାସ ରନ୍ଧାରି, ପୂରଞ୍ଜନ ଚନ୍ଦ୍ର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର କାର୍ଯ୍ୟକ୍ରମ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବାବୁଲାଲ ହରିଜନ, ଅଭିମନ୍ୟୁ ଦାସ, ଜଗଦୀଶ ସାସମଲ, ମନୋଜ ମାଝୀ, ପ୍ରକାଶ ପଣ୍ଡା ପ୍ରମୁଖ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କୁ ସଚେତନତା ପାଇଁ ସଡ଼କ ସୁରକ୍ଷା ସ୍ଲୋଗାନ ଦିଆଯାଇଥିଲା। ଏଥିସହ ସଡ଼କ ସୁରକ୍ଷା ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଉତ୍ତମ ପ୍ରଦର୍ଶନ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍ଥାନିତ ପାଇଁ ସୁଯୋଗ ମିଳିବା ନେଇ ଅବଗତ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

# 'ଗାଁରେ ଲୁଚି ରହିଥିବା ପ୍ରତିଭା ଆଗକୁ ଆସିବାରେ ଆଉ ସମସ୍ୟା ନାହିଁ'

ବିଷମ କଟକ,୪।୧(ସମିସ)



ବିଷମ କଟକ ସଦର ବ୍ଲକର ମା' ମାର୍କମା ମହାବିଦ୍ୟାଳୟ ପଡ଼ିଆରେ ଗୁରୁବାର ବ୍ଲକସ୍ତରୀୟ 'ନୂଆ-ଓ' କ୍ରୀଡ଼ା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଆଦିବାସୀ ଅଞ୍ଚଳରେ ଲୁଚି ରହିଥିବା ପ୍ରତିଭା ସାମ୍ନାକୁ ଆସିବାରେ ବଡ଼ ସହାୟତା ହେବ। ଆର୍ଥିକ ଅଭାବ ଯୋଗୁଁ ପଲ୍ଲି ରେ ରହିଥିବା ପ୍ରତିଭା ଖେଳାଳି ନିଜ ପ୍ରତିଭା ଦେଖେଇବାରେ ସମସ୍ୟା ରହୁଥିଲା। ଯାହାକୁ ରାଜ୍ୟ ସରକାର ଏହି ସବୁ ଖେଳାଳିଙ୍କୁ ବଡ଼ ଧରଣରର ପ୍ଲାଟଫର୍ମର ସୁଯୋଗ ସୃଷ୍ଟି କରିଛନ୍ତି। ଗୁରୁବାର ଏହି ଉଦ୍‌ଘାଟନି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କ୍ରୀଡ଼ା ଉତ୍ସବର ଉଦଘାଟନ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ରାଜ୍ୟ ଉପଦେଷ୍ଟା ସୁଧିର କୁମାର ଦାଶ, ବ୍ଲକ ଅଧକ୍ଷା ଯଶୋଦା ହୁଇକା, ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ମଞ୍ଚାସୀନ ଥିଲେ। ସିଆରସିସି ରାଜେଶ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ବର୍ତ୍ତମାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡ଼ାର ଉନ୍ନତି ଏବଂ ଗ୍ରାମାଞ୍ଚଳରେ ରହିଥିବା ଖେଳାଳିମାନଙ୍କୁ ସୁଯୋଗ ଦେବା ନିମନ୍ତେ ଏହି 'ନୂଆ-ଓ' କାର୍ଯ୍ୟକ୍ରମର ଆରମ୍ଭ କରିଥିବା ଏବଂ ଏହି କ୍ରୀଡ଼ା ପ୍ରତିଯୋଗିତା ଖାଲି ଯେ ବ୍ଲକସ୍ତରରେ ସୀମିତ ନ ରହି ଜିଲ୍ଲା ଏବଂ ରାଜ୍ୟସ୍ତରରେ ଖେଳିବା ନିମନ୍ତେ ଖେଳାଳିଙ୍କୁ ସୁଯୋଗ ଦେବା ଏହି ଯୋଜାନର ପରିକଳ୍ପନା ବୋଲି ମନ୍ତ୍ରୀ ଶ୍ରୀ ସାରକା କହିଛନ୍ତି। ମନ୍ତ୍ରୀ କ୍ରୀଡ଼ା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୬ ତାରିଖ ଦିନ ଏ ପ୍ରତିଯୋଗିତା ଉଦ୍‌ଯାପନି ଏବଂ ପୁରସ୍କାର ବିତରଣ ଉତ୍ସବ ପାଳନ କରାଯିବ। ଏଥିରେ ବ୍ଲକ୍ ସହକାରୀ କନିଷ୍ଠ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ତ୍ରିପାଠୀ, ବିଏସ୍ଏସ୍ଓ ମୁନା ତାଡ଼ିଙ୍ଗି, ବ୍ଲକ ଯୋଗାଣ ନିରୀକ୍ଷକ ଦେବଦତ୍ତ ଲେଙ୍କା, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଭପ୍ରଦା ସାସମଲ, ଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ରାଜଶ୍ରୀ ପାତ୍ର, ଯନ୍ତ୍ରୀ ଝରଣା ତ୍ରିପାଠୀ ଏବଂ ବ୍ଲକ୍ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### କଲ୍ୟାଣସିଂହପୁର

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ 'ନୂଆ-ଓ' କ୍ରୀଡ଼ା କାର୍ଯ୍ୟକ୍ରମ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୁରୁବାର ଉଦଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇଥିଲେ। ସମ୍ମାନିତ ଅତିଥି କ' ଜନ ଜିଲ୍ଲା ପରିଷଦ ବି ଭରା ପ୍ରସାଦ ରାଓ, ଉପାଧକ୍ଷ ଦମ୍ବରୁ କଞ୍ଚକା, ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଉପସଭାପତି ବନମାଳୀ କାଡ୍ରାକା, ଲ୍ୟାମ୍ପ୍ସ ସଭାପତି ଶଙ୍କର ହୁଇକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ଦାସ, ଏଇ ସବ୍ୟସାଚୀ ନାୟକ, ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ସୁନାନୀ, ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ, ବାଙ୍ଗାରି ଓ ସୁନାଖଣ୍ଡି ଗ୍ରାମ ପଞ୍ଚାୟତର ସରପଞ୍ଚ ସଞ୍ଜୟ ନିଶିକା ସମେତ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ମଞ୍ଚାସୀନ ରହିଥିଲେ। ବିଶ୍ୱନାଥ କାଡ୍ରାକା ଓ ଗୁରୁପ୍ରସାଦ ପବିତ୍ର ମୋହନ ମଞ୍ଚ ପରିଚାଳନା କରିଥିବାବେଳେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ପୁଲିସ ପ୍ରଶାସନ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।



## ଉଠା ଜଳସେଚନ ପ୍ରକଳ୍ପରୁ ଚୋରି

**ଶିକରପାଇ,୪।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାସିଂହପୁର ମଝିଗୁଡ଼ା ଗ୍ରାମ ପଞ୍ଚାୟତର ବାଳିପଦର ଗ୍ରାମ ଉପକଣ୍ଠରେ ନାଗାବଳୀ ନଦୀରୁ ଉଠା ଜଳସେଚନ ବିଭାଗ ତରଫରୁ ନିର୍ମାଣ କରାଯାଇଥିବା ପମ୍ପ୍ ହାଉସରୁ ଦୁର୍ବୃତ୍ତମାନେ ବିଭିନ୍ନ ସରଞ୍ଜାମ ଚୋରି କରିନେଇଛନ୍ତି। ଏଠାରେ ଲାଗିଥିବା ୧୫ ଏଚପି ପାଣି ପମ୍ପ୍, ୪ ଇଞ୍ଚର ଜିଆଇ ପାଇପ୍, ୮ ଇଞ୍ଚର ଲୁହା ପାଇପ୍ ଓ ଏୟାର ଭାଲଭ ଆଦି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ସଭାପତି ପ୍ରସ୍କା ଦଶ୍ରାୟା। ଏନେଇ ଥାନା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଏଠାରେ ପ୍ରକାଶ ଯେ, ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୫୦ ଏକର ଜମିରେ ସୂର୍ଯ୍ୟମୁଖୀ, ଆଳୁ, ବିଭିନ୍ନ ପ୍ରକାରର ପନିପରିବା ଓ ଅନ୍ୟ ଚାଷ କରାଯାଇଛି। ତେବେ ଏହି ଯନ୍ତ୍ରାଂଶ ସବୁ ଚୋରି ହୋଇଯିବା ଯୋଗୁଁ ଚାଷୀମାନେ ଜମିରେ ପାଣି ମଡ଼ାଇବା ପାଇଁ ଚିନ୍ତାରେ ରହିଛନ୍ତି। ତୁରନ୍ତ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ପାଣି ପମ୍ପ୍ ମରାମତି ଦିଗରେ ବିଭାଗ ପକ୍ଷରୁ ଉଚିତ୍ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଆମ ସଂକଳ୍ପ ବିକଶିତ ଭାରତ ରଥକୁ ଭବ୍ୟ ସ୍ୱାଗତ




**ଗୁଣୁପୁର,୪।୧(ସମିସ):** ସ୍ଥାନୀୟ ପୌର କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ସରକାରଙ୍କ ଆମ ସଂକଳ୍ପ ବିକଶିତ ଭାରତ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପୌରାଧକ୍ଷା ମମତା ଗୌଡ଼, ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ ଏବଂ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଉପସ୍ଥିତ ରହି ଉକ୍ତ ରଥକୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକ ଦ୍ୱାରା କିଭଳି ଜନସାଧାରଣ ଉପକୃତ ହୋଇପାରୁଛନ୍ତି ସେ ନେଇ ଅବଗତ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ପରେ ହିତାଧିକାରୀଙ୍କୁ ପ୍ରଧାମନ୍ତ୍ରୀ ଆବାସ ଯୋଜନାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗୃହ ନିର୍ମାଣ ସକାଶେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ 'ସ୍ୱନିଧି' ଯୋଜନାରେ ପଞ୍ଜିକୃତ ଉଠାଦୋକାନୀଙ୍କୁ ଋଣ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ପୌର କାର୍ଯ୍ୟକର୍ତ୍ତା, ସ୍ୱଚ୍ଛସାଥୀ, ଏସଏଚଜି ମହିଳା ଉପସ୍ଥିତ ଥିଲେ। ପରେ ଉକ୍ତ ରଥ ସହର ପରିକ୍ରମା କରିବା ପରେ ଗୁଡ଼ାରୀ ଅଭିମୁଖେ ଯାତ୍ରା କରିଥିଲା।

## ପଞ୍ଚାୟତର ୫ ଗାଁରେ ନାହିଁ ଅଙ୍ଗନବାଡ଼ି କେନ୍ଦ୍ର

**ମାଥିଲି,୪।୧(ସମିସ):** ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାର ମୌଳିକ ସୁବିଧା ପହଞ୍ଚାଇବା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରି ଚାଲିଛନ୍ତି। କିନ୍ତୁ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ଅନେକ ସ୍ଥାନରେ ସରକାରୀ ଯୋଜନା ଅପହଞ୍ଚ ରହିଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ଅଧିକାରୀ ଓ ପ୍ରଶାସନର ଅବହେଳା ଯୋଗୁଁ ଆଜି ମଧ୍ୟ ଏମିତି କିଛି ରାଜସ୍ୱ ଗାଁ ଅଛି, ଯେଉଁଠି ଅଙ୍ଗନବାଡ଼ି କେନ୍ଦ୍ରଟିଏ ନିର୍ମାଣ ହୋଇପାରିନାହିଁ। ଫଳରେ କୋମଳମତି ଶିଶୁ ଓ ଗର୍ଭବତୀ ମାଆମାନଙ୍କ ପାଖରେ ପହଞ୍ଚି ପାରୁନି ପୁଷ୍ଟିକର ଖାଦ୍ୟ। କିଛି ଏପରି ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ପାଙ୍ଗାମ ଗ୍ରାମ ପଞ୍ଚାୟତର ରାଜସ୍ୱ ଗ୍ରାମ ସାନ ନାୟକଗୁଡା, କାଳିଆ ପୂଜାରୀଗୁଡା, କଙ୍କଡ଼ାଗୁଡା, ପାଙ୍ଗାମର ଏକ୍ସ ଡିଏନକେ ଓ ଘେନାଗୁଡା ଆଦି ଗ୍ରାମରେ। ଏ ସମସ୍ତ ଗ୍ରାମ ଗୋଟିଏ ପଞ୍ଚାୟତର ୫ଟି ଗାଁ ହୋଇଥିବାବେଳେ ସରକାରୀ ଖାତା ଖତିଆନରେ ଏସବୁ ରାଜସ୍ୱ ଗ୍ରାମ ଅଟେ। ଏହି ସବୁ ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନ ଥିବାରୁ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

**● ପ୍ରଶାସନର ଅବହେଳା ଯୋଗୁଁ ପିଲାଏ ହନ୍ତସନ୍ତ**



ଗାଁଠାରୁ ଦୁଇରୁ ତିନି କିଲୋମିଟର ଦୂର ଅନ୍ୟ ସବୁ ଗାଁର ଅଙ୍ଗନବାଡ଼ି କେନ୍ଦ୍ରକୁ ଗଲେ ଯାଇ ଅଣ୍ଡା, ଛତୁଆ ମିଳେ ବୋଲି ଅଭିଯୋଗ ହୋଇଛି। ଗାଁରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରିବା ପାଇଁ ଗ୍ରାମବାସୀମାନେ ଦୀର୍ଘ ବର୍ଷରୁ ଦାବି କରି ଆସୁଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀମାନେ କର୍ଣ୍ଣପାତ କରୁ ନ ଥିବାରୁ ପିଲାଙ୍କୁ ପ୍ରାକ୍ ଶିକ୍ଷା ମିଳୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ସ୍ଥାନୀୟ ସରପଞ୍ଚ ଈନ୍ଦ୍ର ନାୟକ ପୂର୍ବରୁ ଅଭିଯୋଗ କରିଥିଲେ ସୁଦ୍ଧା କେହି ଏ ପର୍ଯ୍ୟନ୍ତ ଗୁହାରି ଶୁଣୁ ନାହାନ୍ତି ବୋଲି ମଧ୍ୟ କୁହାଯାଇଛି। ତେବେ ପାଙ୍ଗାମ ପଞ୍ଚାୟତର ୫ ଖଣ୍ଡ ଗାଁରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଉପରେ ଆମେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡଙ୍କୁ ପଚାରିବାରୁ ବ୍ଲକର ଅନେକ ଗ୍ରାମରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନିମନ୍ତେ ଜିଲ୍ଲା ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଛି, ପ୍ରସ୍ତାବ ମଞ୍ଜୁର ହେଲେ ସମସ୍ତ ଗ୍ରାମରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଓ କର୍ମଚାରୀ ନିଯୁକ୍ତି ଦିଆଯିବ ବୋଲି ସୂଚନା ଦେଇଛନ୍ତି।

## ଏମ୍‌ପିଭି ୭୬ ଗ୍ରାମରେ ମତୁଆ ମହୋତ୍ସବ

**ମାଲକାନଗିରି,୪।୧(ସମିସ):** ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ଏମପିଭି ୭୬ ଗ୍ରାମରେ ମତୁଆ ମହୋତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଜିଲ୍ଲାର କୋଣ ଅନୁକୋଣରୁ ପ୍ରାୟ ୭୦ଟି ମତୁଆ ସମ୍ପ୍ରଦାୟର ଦଳ ସାମିଲ୍ ହେବାର କାର୍ଯ୍ୟକ୍ରମ ରହିଛି। ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ନିମନ୍ତ୍ରିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡମା ରାବା ଯୋଗଦେଇ ଠାକୁର ଶ୍ରୀଶ୍ରୀଶ୍ରୀ ହରିଚାନ୍ଦ ଗୁରୁଚାନ୍ଦ ଶାନ୍ତି ମାତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ମହୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ମତୁଆ ଗୋସାଇଁ ରବୀନ୍ଦ୍ର ନାଥ ବିଶ୍ୱାସ, ସ୍ଥାନୀୟ ଜିଲ୍ଲା ପରିଷଦ ଅଧକ୍ଷ ସୁରଭୀ ଭୌମିକ, ପଡିଆ ବ୍ଲକ୍ ସଭାପତି ଏମଡି ଫାରୁଖ, ପଡିଆ ବ୍ଲକ ଉପାଧକ୍ଷ କଲ୍ୟାଣ ବିଶ୍ୱାସ, ସ୍ଥାନୀୟ ସମିତିସଭ୍ୟା ପୂର୍ଣ୍ଣିମା ମଧୁ, ବିଜେଡି ସାଧାରଣ ସମ୍ପାଦକ ସୁଭ୍ରାଂଶୁ ସାହୁ, ବିଜେଡି ସାଧାରଣ ସମ୍ପାଦକ ମେଶାକ ରବି ମାଦ୍ରି, ବିଜେଡି ବରିଷ୍ଠ କର୍ମୀ ଦିଲ୍ଲୀପ ପୋଟଲା, କର୍ମୀ ସୁବାସ ଭୌମିକ, ପଞ୍ଚାୟତ ସଭାନେତ୍ରୀ ଅନିମା ରାୟ, ସ୍ଥାନୀୟ ବୁଦ୍ଧିଜୀବୀ, ଗ୍ରାମବାସୀମାନେ ଯୋଗଦେଇଥିଲେ। ଏଥିରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ, ପୂଜାର୍ଚ୍ଚନା ସହ ବଙ୍ଗୀୟଭାଷାଭାଷୀରେ ମତୁଆ ସମ୍ପ୍ରଦାୟର ମହତ୍ୱ ଓ କିପରି ଏହାର ପ୍ରଚାରପ୍ରସାର ହେବ ସେ ଦିଗରେ ଏହି କାର୍ଯ୍ୟକ୍ରମରେ ଆଲୋଚନା କରଯାଇଥିଲା।



## 'ଶ୍ରୀକ୍ଷେତ୍ର ପୁସ୍ତକ ମେଳା' ଆଲୋଚନାଚକ୍ରରେ ପ୍ରଶାନ୍ତ କର ସମ୍ମାନିତ

**ପଦ୍ମପୁର,୪।୧(ସମିସ):** ପୁରୀ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଓ ନିଶିଗନ୍ଧା ସାହିତ୍ୟ ସଂସଦ ପକ୍ଷରୁ ଓଡ଼ିଆ ସାହିତ୍ୟ ବିକାଶରେ ଗଣମାଧ୍ୟମର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଧୁନିକ ଯୁଗରେ ଭାଷା ଓ ସାହିତ୍ୟରେ ଯେପରି ଅପସଂସ୍କୃତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗଛି ଏବଂ ସେଥିରେ ଇଂରାଜୀ ଶବ୍ଦର ବହୁଳ ବ୍ୟବହାର ହେଉଛି; ତାହା ଓଡ଼ିଆ ଭାଷା, ସାହିତ୍ୟକୁ ବିପଦମୁଖି କରିଛି ବୋଲି ଅତିଥିମାନେ କ୍ଷୋଭ ପ୍ରକାଶ କରି ମତବ୍ୟକ୍ତ କରିଥିଲେ। ଏହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ନିଶିଗନ୍ଧା ଭାଷା ଓ ସାହିତ୍ୟ ସଂସଦ ଯେଉଁ ପ୍ରୟାସ ଚାଲୁ ରଖିଛି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ବିଭିନ୍ନ ବର୍ଗର ପ୍ରତିଭାମାନେ ଯୋଗଦେଇଥିଲେ। ଏଥିରେ ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକର ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର କରଙ୍କୁ ସାମ୍ବାଦିକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଭା ପାଇଁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କବି ଜୟନ୍ତ ପାଣିଗ୍ରାହୀ ଅଧକ୍ଷତା କରିଥିବାବେଳେ ନିଶିଗନ୍ଧା ଭାଷା ଓ ସାହିତ୍ୟ ସଂସଦର ପ୍ରତିଷ୍ଠାତା ବଳରାମ ତରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଡ. କୈଳାସ ଚନ୍ଦ୍ର ଟିକାୟତ, ଗାଳ୍ପିକ ବଦ୍ରି ମିଶ୍ର, ତାରିଣୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।




## ଉତ୍କଳ ସମ୍ମିଳନୀ ତରଫରୁ 'ଗାଁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ



**ମାଲକାନଗିରି,୪।୧(ସମିସ):** ମାଲକାନଗିରି ଜିଲ୍ଲା କୋରୁକଣ୍ଡା ବ୍ଲକ୍ ନୂଆଗୁଡ଼ା ଗ୍ରାମଠାରେ ମାଲକାନଗିରି ଉତ୍କଳ ସମ୍ମିଳନୀ ଶାଖା ତରଫରୁ 'ଗାଁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ସହ ଏକ ସଚେତନତା ସଭାର ଆୟୋଜନ ହୋଇଯାଇଛି। ଏହି ସଭାରେ ଉତ୍କଳ ସମ୍ମିଳନୀ ଶାଖାର ଜିଲ୍ଲା ସଭାପତି ଡ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦାନ କରି ଗାଁ ଗହଳିରେ ବସବାସ କରୁଥିବା ଜଣେ ବ୍ୟକ୍ତି ଜଣେ ଜଣେ ପ୍ରକୃତିପ୍ରେମୀ ସହ ସରଳ ଅଟନ୍ତି ବୋଲି ପ୍ରକାଶ କରିଥିଲେ। ମାଲକାନଗିରି ଭଳି ଉପାନ୍ତ ଅଞ୍ଚଳରେ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ଜିଲ୍ଲା ଉତ୍କଳ ସମ୍ମିଳନୀକୁ ଶ୍ରୀ ପ୍ରଧାନ ବେଶ୍ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ମହାପାତ୍ର ଗ୍ରାମର ପ୍ରତି ବ୍ୟକ୍ତି ସ୍ୱାସ୍ଥ୍ୟ ଓ ପରିବେଶ ବିଷୟରେ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଶଙ୍କର ମିସ୍ତ୍ରି ଓ ଅନ୍ୟତମ ଅତିଥି ଶିଶିରକାନ୍ତ ପ୍ରଧାନ ଶିକ୍ଷାର ପ୍ରଚାରପ୍ରସାର ହେଲେ ଦେଶର ବିକାଶ ହୋଇପାରିବ ବୋଲି ମତ ପୋଷଣ କରିଥିଲେ। ଗାଁର ମୁଖିଆ କୃଷ୍ଣ ଚନ୍ଦ୍ର ମାଡ଼କାମି ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ସୁକାନ୍ତି ବିଶ୍ୱାଳ ବାଲ୍ୟବିବାହ ବିଷୟରେ ଏକ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ସଫଳ ପାଇଁ ରାମା ପଡ଼ିଆମି, ମଙ୍ଗଳା କବାସି, ଆଡମେ ମାଡ଼ି, କୈଳାଶ କବାସି, ଦୃପତି ମାଡ଼ି ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ମହିଳା, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଯୋଗଦେଇ ସଫଳ କରିଥିଲେ। ଶେଷରେ ଛାତ୍ର ବିଶ୍ୱନାଥ ମାଡକାମି ଧନ୍ୟବାଦ ଅର୍ପଣ କରିଥିଲେ।

## ଜେକେ ପେପର ଆନ୍ତଃକମ୍ପାନୀସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**କୋଲନରା,୪।୧(ସମିସ):** ରାୟଗଡ଼ା ସ୍ଥିତ ଜେକେପୁରର ଜେ.କେ କାଗଜ କମ୍ପାନୀ ଖେଳପଡ଼ିଆରେ ଆନ୍ତଃ କମ୍ପାନୀସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଜେକେପିଏମ୍ ରାୟଗଡ଼ା, ସିପିଏମ୍ ସୋନାଗଡ଼, ଏସପିଏମ୍ ତେଲଙ୍ଗାନା ଓ ଜେ.କେ ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀର କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଗୁରୁବାର ଉଦଘାଟନୀ ସମାରୋହରେ ଜେକେପିଏମର କାର୍ଯ୍ୟନିର୍ବାହୀ ଉପସଭାପତି ବିନୟ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜେକେପିଏମ୍ ମାନବ ସମ୍ବଳର ମହାପ୍ରବନ୍ଧକ ସନ୍ଦୀପ ପାଣ୍ଡେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଜେକେପିଏମର ଲୋକ ସମ୍ପର୍କ ଅଧିକାରୀ ମିଳନ ଲେଙ୍କା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ତିନି ଶହ ବର୍ଷର ପୁରୁଣା ସାନ ଜଗନ୍ନାଥ ମନ୍ଦିରର ଉନ୍ନତି ହୋଇପାରୁନି

# ଅଧାରେ ପଡ଼ିରହିଛି ପଥର କାରୁକାର୍ଯ୍ୟ

ଗୁଣୁପୁର,୪।୧(ସମିସ)

ସାରା ରାଜ୍ୟରେ ବହୁ ପୁରାତନ ମନ୍ଦିରର ଉନ୍ନତି ନିମନ୍ତେ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଅନେକ ମନ୍ଦିରର ବିକାଶ କାର୍ଯ୍ୟ ଆଗେଇ ଚାଲିଛି। ପଦ୍ମପୁରର ମରିଚଗୁଡ଼ା ମାତରବନମ ମନ୍ଦିର ହେଉ କି ଗୁଣୁପୁର ଶେଫାଳି ପାହାଡ଼ରେ ଥିବା ରାମେଶ୍ୱର ଶୈବପୀଠ ହେଉ ଏହାର ବିକାଶ କାମ ଆରମ୍ଭ ହୋଇଯାଇଛି। ସେଥିପାଇଁ ଗୁଣୁପୁର ସହରର ପୁରୁଣା ଗୁଣୁପୁରଠାରେ ତିନି ଶହ ବର୍ଷ ପୂର୍ବରୁ ରହିଥିବା ସାନ ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ସାଧାରଣରେ ଦାବି କରାଯାଇଛି। ଏହି ପୁରାତନ ମନ୍ଦିରର ବିକାଶ ହୋଇପାରିନି। ଯାହା ଯେମିତି ମନ୍ଦିର ନିର୍ମାଣ ହୋଇଥିବାବେଳେ କିନ୍ତୁ ପଥରରେ ତିଆରି କାରୁକାର୍ଯ୍ୟ ସେମିତି ଅଧା ଅବସ୍ଥାରେ ପଡ଼ିରହିଛି। ଏହାକୁ ପୂର୍ଣ୍ଣାଙ୍ଗ କରିବାକୁ ଦାବି କରାଯାଉଛି।




ରାଜା ରାଜୁଡ଼ା ଅମଳରେ ମହନ୍ତମାନେ ଏହି ମଠ ମନ୍ଦିର କରି ରହିଆସୁଥିଲେ। ମନ୍ଦିର ମଧ୍ୟରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତିନି ଠାକୁର ପୂଜା ପାଉଛନ୍ତି। ଠାକୁରଙ୍କ ନିମନ୍ତେ ପଥରରେ ଖୋଦେଇ ହୋଇ ମନ୍ଦିର କାମ କରିଥିଲେ। ଶତାଧିକ ବର୍ଷ ତଳରୁ ଏହି ମନ୍ଦିର କାମ ଅଧାରେ ରହିଯାଇଥିଲା। ମନ୍ଦିର କାମ ସମ୍ପୂର୍ଣ୍ଣ ହୋଇପାରିନି। ମହନ୍ତମାନେ ଚାଲିଗଲେଣି କିନ୍ତୁ ଅସମ୍ପୂର୍ଣ୍ଣ ରହିଗଲା ପଥର ଖୋଦେଇ ମନ୍ଦିର। ଏହି ମନ୍ଦିର ନାମରେ ମଧ୍ୟ କିଛି ଜମିବାଡ଼ି ରହିଥିଲା, କିନ୍ତୁ ତା'ର ହିସାବ କାହାପାଖରେ ନାହିଁ। ବର୍ତ୍ତମାନ ମନ୍ଦିର ଦେବୋତ୍ତର ବିଭାଗ ହାତକୁ ନେଇ ପରିଚାଳନା କରୁଛନ୍ତି। ଅସମ୍ପୂର୍ଣ୍ଣ ମନ୍ଦିରଠାରେ ଛାତ ପକାଇ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି। ରଥଯାତ୍ରା ଆସିଲେ ସମସ୍ତେ ଏହି ମନ୍ଦିର କଥା ଚିନ୍ତା କରନ୍ତି, ଯାତ୍ରା ସରିଗଲେ ଯେଉଁ କଥାକୁ ସେଇକଥା। ପର୍ଯ୍ୟଟନ ବିଭାଗ ମଧ୍ୟ ଏହି ମନ୍ଦିରର ପଥର ଖୋଦେଇ କାର୍ଯ୍ୟକୁ ନେଇ ଅବଗତ ରହିଛି। ବହୁ ବର୍ଷ ତଳେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଳ୍ପ କିଛି ମାତ୍ରାରେ ଅନୁଦାନ ଆସି କାମ ହୋଇଥିଲା। ମନ୍ଦିର କାମ ସମ୍ପୂର୍ଣ୍ଣ କରିପାରିଲେ ନାହିଁ, ଆଖିଦୃଶିଆ କାମ କରି ଚାଲିଯାଇଥିଲେ। ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ମନ୍ଦିର ପୂଜକ ହୁଅନ୍ତୁ କି ଭକ୍ତ ନାହିଁ ନ ଥିବା ଅସୁବିଧା ସମ୍ମୁଖିନ ହେଉଛନ୍ତି। ଏହି ସାନ ଜଗନ୍ନାଥ ମନ୍ଦିରର ବିକାଶ ନେଇ ରାଜ୍ୟ ସରକାର ଓ '୫-ଟି' ଅଧକ୍ଷ ଗୁରୁତ୍ୱ ଦେଲେ ଏହି ମନ୍ଦିରର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ଜୟପୁର ଭିଜିଲାନ୍ସ ବିଭାଗର ସଫଳତା

# ୨୦୨୩ରେ ୬ ଜିଲ୍ଲାରେ ୫୬ ଜଣଙ୍କ ବିରୋଧରେ ମାମଲା ରୁଜୁ




ଜୟପୁର,୪।୧(ସମିସି)

କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଭିଜିଲାନ୍ସ ବିଭାଗ ଏସ୍‌ପିଙ୍କ ଅଧୀନରେ ରହିଥିବା ଦକ୍ଷିଣ-ପଶ୍ଚିମାଞ୍ଚଳର କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ମାଲକାନଗିରି ଏବଂ ନୂଆପଡ଼ା ପ୍ରମୁଖ ୬ ଜିଲ୍ଲାରେ ୨୦୨୩ ଜାନୁଆରୀରୁ ଡିସେମ୍ବର ମାସ ଶେଷସୁଦ୍ଧା ୪୧ଟି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୧୭ଟି ମାମଲାରେ ୧୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାବ୍ୟତୀତ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ନେଇ ବିଭିନ୍ନ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ବିରୁଦ୍ଧରେ ୧୩ଟି ମାମଲା ଓ ଦୁର୍ନୀତି ସମ୍ବନ୍ଧୀୟ ଅନ୍ୟାନ୍ୟ ମିସଏଲାଉସେନ୍ସ ୧୧ଟି ମାମଲା ଭିଜିଲାନ୍ସ ବିଭାଗ ପକ୍ଷରୁ ରୁଜୁ କରାଯାଇଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ନିର୍ବାରଣ ଆଇନ ଅନୁଯାୟୀ ସମୁଦାୟ ୩୦ ଲାଞ୍ଚୁଆ ଓ ଦୁର୍ନୀତି ଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେହିପରି ଗତବର୍ଷ ସମୁଦାୟ ୪୭ଟି ମାମଲାରେ ୧୧୧ ଜଣ ସରକାରୀ ଓ ବେସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଛି। ଜୟପୁର ଓ ଭବାନୀପାଟଣାସ୍ଥିତ

**● ୧୪ ମାମଲାରେ ଅଭିଯୁକ୍ତମାନେ ହୋଇଛନ୍ତି ଦଣ୍ଡିତ**

ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସମୁଦାୟ ୧୪ଟି ଭିଜିଲାନ୍ସ ମାମଲାରେ ରାୟ ପ୍ରକାଶ କରାଯାଇ ଦୋଷୀମାନଙ୍କୁ ଦଣ୍ଡିତ କରାଯାଇଛି।

୨୦୨୩ ମସିହାରେ ରୁଜୁ ହୋଇଥିବା ପ୍ରମୁଖ ମାମଲାଗୁଡ଼ିକ ମଧ୍ୟରୁ ଆୟବହିଃର୍ଭୁତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଗତ ନଭେମ୍ବର ୨୫ ତାରିଖରେ ନବରଙ୍ଗପୁର ଜିଲ୍ଲା ଭାରପ୍ରାପ୍ତ ଅବକାରୀ ଅଧିକ୍ଷକ ଗଙ୍ଗା ପାଇକରାୟଙ୍କ ନବରଙ୍ଗପୁର, ଜୟପୁର ଘର ଓ କାର୍ଯ୍ୟାଳୟ ଉପରେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ସମୁଦାୟ ୧ କୋଟି ୫୦ ଲକ୍ଷ ୬ ହଜାର ୩୩୪ ଟଙ୍କାର ବେଆଇନ ଭାବେ ଆୟବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ସେହିପରି କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଅଧିକାରୀ ସୁଶାନ୍ତ କୁମାର ଶତପଥୀ ଗତ ନଭେମ୍ବର ୨୭ ତାରିଖ ସନ୍ଧ୍ୟାରେ ବୈପାରୀଗୁଡ଼ାଠାରୁ ଘରୋଇ ବସ ଯୋଗେ ଭୁବନେଶ୍ୱର ଯାଉଥିବାବେଳେ ପୂର୍ବରୁ ସୂଚନା ପାଇ ଜୟପୁର ସଦର ଥାନା ଟାଙ୍କୁଆ ଗ୍ରାମ ନିକଟରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଉକ୍ତ ବସକୁ ଅଟକାଇ ଯାଞ୍ଚବେଳେ ତାଙ୍କ ନିକଟରୁ ୨ ଲକ୍ଷ ୭୧ ହଜାର ୪୨୦ ଟଙ୍କା ଜବତ କରାଯାଇଥିଲା ଏବଂ ତାଙ୍କ ବୈପାରୀଗୁଡ଼ା ଥାନା କାର୍ଯ୍ୟାଳୟ କକ୍ଷ ଏବଂ କଟକ ବକ୍ସିବଜାର ସରକାରୀ ବାସଭବନରୁ ଯାଞ୍ଚ ବେଳେ ସମୁଦାୟ ୩୭ ଲକ୍ଷ ୨୭ ହଜାର ୭୨୦ ଟଙ୍କା ଜବତ କରାଯାଇଥିଲା। ତାଙ୍କର ବିଭିନ୍ନ ସ୍ଥାନରେ ସମ୍ପତ୍ତି ନେଇ ଯାଞ୍ଚ ଜାରି ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଅଭିଯୁକ୍ତ ଗିରଫ ଥାନା ଅଧିକାରୀ ଶ୍ରୀ ଶତପଥୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଥାନା ଅଧିକାରୀ ଶ୍ରୀ ଶତପଥୀଙ୍କୁ ଜାମିନ ମିଳିନଥିବା ବେଳେ ଜୟପୁର ସ୍ୱତନ୍ତ୍ର ଜେଲ୍ ହାଜତରେ ରହିଛନ୍ତି।

# କଟନୀଛଟନୀକୁ ବିରୋଧ କରି ଚାଷୀଙ୍କ ରାସ୍ତା ଅବରୋଧ



ବୋରିଗୁମ୍ମା,୪।୧(ସମିସ)

କୋରାପୁଟ ଜିଲ୍ଲାରେ ଖରିଫ ଧାନମଣ୍ଡି ବିଳମ୍ବରେ ଶୁଭାରମ୍ଭ ହୋଇଛି। ବୋରିଗୁମ୍ମା ବ୍ଲକ ତାରାଭଟା ସ୍ଥିତ କାମତା ଧାନମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା ଦେଖାଦେଇଛି। କୌଣସି ମିଲର୍ସ କଷ୍ଟମର ଧାନ ଉଠାଇବା ଲାଗି ଉପସ୍ଥିତ ନଥିବା ଯୋଗୁଁ ଧାନ କ୍ରୟରେ ବିଳମ୍ବ ହେଉଛି। ମିଲର ମାଲିକମାନେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମାନ ଅନୁଯାୟୀ ଚାଷୀଙ୍କ ଧାନର ମାନ ମିଶୁ ନ ଥିବା ହେତୁ ଭଲ ଧାନ ହିଁ ନେବୁ ନଚେତ ନେବୁ ନାହିଁ କହିବା ସହିତ ବ୍ଲକର ଅନେକ ମଣ୍ଡିରେ ମିଲରମାନେ ଧାନକିଣାରେ ମନମାନି କରୁଥିବା ଚାଷୀଙ୍କ ଅଭିଯୋଗ ହୋଇଛି। ଖରିଫ ଧାନରେ କୌଣସି ଆର୍ଦ୍ରତା ନ ଥିବାବେଳେ ଆପେକ୍ଷାକୃତ ଧାନର ମାନ ଭଲ ରହିଥିବାବେଳେ ଧାନ ଠିକ୍ ଥିଲେ କିଣିବୁ ନଚେତ ଧାନ କିଣିବୁ ନାହିଁ ବୋଲି ମିଲରମାନେ କହିଥିବା ଧାରଣାରେ ବସିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

କିଛି ଚାଷୀଙ୍କ ଧାନ କଟା ସମୟରେ ଅଦିନିଆ ବର୍ଷାରେ ଅମଳ ଧାନଗଦା ଭିଜି ଥିଲା। ସେସବୁ ଧାନ କିଛି ମାତ୍ରାରେ ରଙ୍ଗବିହୀନ ହୋଇଛି। ସେସବୁ ଧାନକୁ ଏବେ ମିଲରମାନେ କିଣିବାକୁ ଇଚ୍ଛାପ୍ରକାଶ କରୁନାହାନ୍ତି। ଯାହାକୁ ନେଇ ବୋରିଗୁମ୍ମା ବ୍ଲକର କୁମୁଲି, କାମତା, ବୋଡିଗା, ନାରୀଗାଁ, ଗୁମୁଡ଼ା ଆଦି ଅଞ୍ଚଳର ଚାଷୀ ଏକଜୁଟ ହୋଇ ମିଲର୍ସଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧ କରୁଛନ୍ତି। ତରାଭଟା ଛକ ନିକଟରେ ସମସ୍ତ ଚାଷୀ ମେଳିକରି ମିଲର୍ସଙ୍କ ନିଷ୍ପତ୍ତିକୁ ବିରୋଧ କରି ସମସ୍ତ ଧାନ କିଣିବା ଦାବିରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଅତିରିକ୍ତ ଯୋଗାଣ ଅଧିକାରୀ ସୁଶୀଲ କୁମାର ଜେନା, ବୋରିଗୁମ୍ମା ଯୋଗାଣ ନିରୀକ୍ଷକ ବିଶ୍ୱଜିତ ଦାସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିଥିଲେ ଏବଂ ସମସ୍ତ ଧାନ ମଣ୍ଡିରୁ ଉଠାଇବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ଖବର ପାଇ ବିସିଂହପୁର ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲେ।

# ଏସ୍‌ଡିସି ପକ୍ଷରୁ ବ୍ଲକ୍‌ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ



**କୁନ୍ଦୁରା,୪।୧(ସମିସ):** କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକରେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଦ୍ୱାରା ବ୍ଲକସ୍ତରୀୟ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କୁନ୍ଦୁରା ବ୍ଲକ୍ ସଦର ସ୍ଥିତ ଶାସ୍ତ୍ରୀ ମୈଦାନଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ ଯୋଗଦେଇଥିଲେ। ଅନ୍ୟ ଅତିଥି ଭାବେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ବ୍ଲକ୍ ଚେୟାରମ୍ୟାନ ରାଜେଶ୍ୱରୀ ପରଜା, ବିଶାରଦ ସଭ୍ୟ ସୂର୍ଯ୍ୟ ନାରାୟଣ ରଥ, ବିଜେଡି ବ୍ଲକ୍ ସଭାପତି ବୃନ୍ଦାବନ ମଲିକ ଏବଂ ମୁକ୍ତା ଯୋଜନା ଉପଦେଷ୍ଟା ମୀରା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲ୍ଲାରେ ବସବାସ କରୁଥିବା ୧୨ଟି ଜନଜାତିକୁ ସେମାନଙ୍କ ପାରମ୍ପରିକ ନୃତ୍ୟକୁ ବଞ୍ଚାଇ ରଖିବା ନିମନ୍ତେ ଆବଶ୍ୟକ ବେଶଭୂଷା ଓ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଉଛି। ଏହା ଦ୍ୱାରା ଆଦିବାସୀଙ୍କ ପାରମ୍ପରିକ କଳା ଓ ସଂସ୍କୃତି ବଞ୍ଚି ରହିବ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଆଉ ଏକ ପଦକ୍ଷେପ ହେଉଛି, ଏହି ସ୍ୱତନ୍ତ୍ର ଯୋଜନା ଦ୍ୱାରା ଗ୍ରାମ ଦେବୀ, ହୁଣ୍ଡି ମନ୍ଦିର ଆଦିର ଉନ୍ନତିକରଣ ଆଦି କାର୍ଯ୍ୟ ହୋଇପାରୁଛି। ଯଦ୍ୱାରା ଅଞ୍ଚଳରେ ଥିବା କଳା ସଂସ୍କୃତି ଓ ଦେବଦେବୀ ପୀଠଗୁଡ଼ିକର ବିକାଶ ହୋଇପାରିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୧୨ଟି ସଙ୍କୀର୍ତ୍ତନ ମଣ୍ଡଳୀ ଓ ୧୧ଟି ସାଂସ୍କୃତିକ ନୃତ୍ୟ ଦଳକୁ ଆବଶ୍ୟକ ପୋଷାକ, ବାଦ୍ୟଯନ୍ତ୍ର ଆଦି ପ୍ରଦାନ କରାଯାଇଥିଲା। ସେହି ଦଳଗୁଡ଼ିକ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ଆକାଶବାଣୀ ଜୟପୁର ଉଦଘୋଷକ ଜୟନ୍ତ ପଟ୍ଟନାୟକ ପରିଚାଳନା କରିଥିଲେ। କୋରାପୁଟ ଜିଲ୍ଲାର କୁନ୍ଦୁରା ବ୍ଲକରେ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଗଲା। ଆଗାମୀ ଦିନରେ ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ରହିଛି।

### ■ ଡେଙ୍ଗପଦର ମା' ଠାକୁରାଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ କାଠରଗଡ଼ା ଦଳ



**ତେନ୍ତୁଳିଖୁଣ୍ଟି,୪।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଝରିଗୁମ୍ମା ପଞ୍ଚାୟତ ଡେଙ୍ଗପଦର ଗ୍ରାମରେ ଗତ ଡିସେମ୍ବର ୧୭ ତାରିଖରୁ ଆରମ୍ଭ ହୋଇଥିବା ମା' ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କୋରାପୁଟ ଜିଲ୍ଲାର କାଠରଗଡ଼ ଦଳ ବିଜେତା ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାର କାଠରଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ପ୍ରତାପପୁର ଦଳ ମଧ୍ୟରେ ରୋମାଞ୍ଚକର ମୁକାବିଲା ହୋଇଥିଲା। ଏଥିରେ କାଠରଗଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୦୩ ରନ୍ କରିଥିଲା। ବିପକ୍ଷରେ ପ୍ରତାପପୁର ଦଳ ସମସ୍ତ ଉଇକେଟ ହରାଇ ମୋଟ ୮୭ ରନ୍ କରି ପରାଜିତ ହୋଇଛି। ଫଳରେ କାଠରଗଡ଼ା ଦଳ ବିଜେତା ହେବା ସହ ଫାଇନାଲ୍‌ରେ ପ୍ରବେଶ କରିଛି। ଏହି ସେମି ଫାଇନାଲ ମ୍ୟାଚରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ଜିଲ୍ଲା ବିଜେପି ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ନନ୍ଦ ନନ୍ଦନ ବିଷୋୟୀ, ରାଜେନ୍ଦ୍ର ମହାପାତ୍ର, ଅଭିମନ୍ୟୁ ହରିଜନ, ସୌମ୍ୟକାନ୍ତ ତ୍ରିପାଠୀ, ଗୋକୁଳ ନିଧି ବିଷୋୟୀ, ବାବୁଲା ପାତ୍ର, ଗୌରୀ ଶଙ୍କର ବିଷୋୟୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଫୁଲ୍ଲ ହରିଜନ ଏବଂ ପ୍ରଦୀପ ହରିଜନ ଆମ୍ପାୟାର୍ ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ୩୨ଟି ଦଳ ଅଂଶ ଗ୍ରହଣ କରିଥିବା ଖେଳ କମିଟି ପକ୍ଷରୁ ସୂଚନା ମିଳିଛି।

# ବିଦ୍ୟାଳୟ ପୁନଃନିର୍ମାଣ ପାଇଁ ଶିଳାନ୍ୟାସ



ଜୟପୁର,୪।୧(ସମିସ):

ଜୟପୁର ପୌରାଞ୍ଚଳର ପୁରୁଣାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁନଃ ନିର୍ମାଣ ପାଇଁ ଗୁରୁବାର ମଧ୍ୟାହ୍ନରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଶିଳାନ୍ୟାସ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫ ଲକ୍ଷ ୫୭ ହଜାର ଟଙ୍କା ଅନୁଦାନ ମିଳିଥିବାବେଳେ ପରବର୍ତ୍ତୀ ସମୟରେ ବିଧାୟକ ଓ ସାଂସଦ ପାଣ୍ଠିରୁ ଅନୁଦାନ ପ୍ରଦାନ କରାଯିବା ନେଇ ସୂଚନା ପ୍ରଦାନ କରାଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ସହ ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଇଓ ଚନ୍ଦନ ନାୟକ, ଇଂ. ଅଜୟ ଜାନୀ, ପ୍ରଧାନଶିକ୍ଷୟିତ୍ରୀ ସୁଜାତା ପାଇକରାୟ, କାଉନସିଲର ଧନିମା ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାପ୍ରସାଦ ଦାଶ, ନବଘନ ଦୁଆରି, ପ୍ରଭାତ ସିଂ ବନ୍ଦଲି, ଜନାର୍ଦ୍ଦନ ପ୍ରଧାନ, ତାରିଣୀ ମିଶ୍ର, ପଦ୍ମଚରଣ ଚୌଧୁରୀ, ଏଲ୍ କୁଟି, ଅନୀଲ ଦଳେଇଙ୍କ ସହ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ୧୯୬୨ ମସିହାରେ ପୁରୁଣାଗଡ଼ରେ ପ୍ରାଥମିକ ବିଦ୍ୟାଳୟଟି ସ୍ଥାପନ ହୋଇଥିଲା। କିନ୍ତୁ ନୂତନ ଭାବେ ବିଦ୍ୟାଳୟ ଦୁଇଟି ଶ୍ରେଣୀଗୃହ ନିର୍ମାଣ ହୋଇ ୧୯୮୮ ଅଗଷ୍ଟ ୩୧ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟ ଓ ହନୁମାନ ମନ୍ଦିର ଗୋଟିଏ ସ୍ଥାନରେ ରହିଥିବା ଯୋଗୁଁ ପାଠପଢ଼ା ଓ ପୂଜାର୍ଚ୍ଚନାରେ ବିଭିନ୍ନ ସମୟରେ ସମସ୍ୟା ଉପୁଜିଥିଲା। ବର୍ତ୍ତମାନ ଏହି ବିଦ୍ୟାଳୟରେ ପୁରୁଣାଗଡ଼, ଶୁଖିଆଗୁଡ଼ା, ଗୁରୁଲୁଗୁଡ଼ାର ଛାତ୍ରଛାତ୍ରୀ ପଢୁଥିବାବେଳେ ପ୍ରଧାନଶକ୍ଷୟିତ୍ରୀ ଏବଂ ଦୁଇଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ ଅଛନ୍ତି। ବିଦ୍ୟାଳୟକୁ ପୁରୁଣାଗଡ଼ର ନୂତନ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଖେଳପଡ଼ିଆ ଯୋଗାଇଦେବାକୁ ପୁରୁଣାଗଡ଼ବାସୀ ବହୁଦିନ ଧରି ଦାବି କରୁଥିଲେ।

## ପ୍ରଧାନଶିକ୍ଷକଙ୍କ ପରଲୋକ

କୋଷାଗୁମୁଡ଼ା,୪।୧(ସମିସ): କୋଷାଗୁମୁଡ଼ା ବ୍ଲକର ତାରାଗାଁ ପଞ୍ଚାୟତସଦରର କଟାଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କ ଗୁରୁବାର ହୃଦ୍‌ଘାତରେ ପରଲୋକ ଘଟିଛି। ଦୁଇ ଦିନ ତଳେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ଗୁରୁବାର ସକାଳେ ଭୁବନେଶ୍ୱରକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯିବା ସମୟରେ ଆମପାଣି ଘାଟି ନିକଟରେ ଶ୍ରୀ ସ୍ୱାଇଁଙ୍କ ପରଲୋକ ହୋଇଯାଇଥିଲା। ଶ୍ରୀ ସ୍ୱାଇଁଙ୍କ ମରଶରୀର ପୁରୀ ସ୍ୱର୍ଗଦ୍ୱାରକୁ ସତ୍କାର ନିମନ୍ତେ ନିଆଯାଇଛି। ଶ୍ରୀ ସ୍ୱାଇଁଙ୍କ ପରିବାରରେ ନିଜ ସ୍ତ୍ରୀଙ୍କ ସମେତ ଗୋଟିଏ ପୁଅ, ଗୋଟିଏ ଝିଅ ରହିଥିବାବେଳେ ସେ କଟାଗାଁ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁରେ କଟାଗାଁ ଏବଂ କୋଷାଗୁମୁଡ଼ା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଆବର୍ଜନା ସଫେଇକଲେ ନାଗେଶ୍ୱରୀ ବନ ସୁରକ୍ଷା କମିଟି



ନନ୍ଦପୁର,୪।୧(ସମିସ): ନୂଆ ବର୍ଷରେ ବାଲଡ଼ା ନାଗେଶ୍ୱରୀ ଗୁମ୍ଫାରେ ପର୍ଯ୍ୟଟକଙ୍କ ଭିଡ଼ ସହ ଭୋଜିଭାତର ଆସର ଜମିଥିଲା। ଯାହାଫଳରେ ପାହାଡ଼ ଓ ଗୁମ୍ଫା ପରିସରରେ ଓଳିଆ ଆବର୍ଜନା କୁଢ଼ କୁଢ଼ ହୋଇ ଜମା ହୋଇ ରହିଥିଲା। ଗୁରୁବାର ବାଲଡ଼ା ନାଗେଶ୍ୱରୀ ବନ ସୁରକ୍ଷା କମିଟି ପକ୍ଷରୁ ପାହାଡ଼ ଓ ଗୁମ୍ଫାରେ ପଡ଼ିଥିବା ଅବର୍ଜନାକୁ ସଫେଇ କରିଛନ୍ତି। ତତ୍ ସହିତ ପାହାଡ଼ ଉପରେ ସଫା ରଖିବାକୁ ଦୈନନ୍ଦିନ ଆସୁଥିବା ପର୍ଯ୍ୟଟକମାନଙ୍କୁ ନିବେଦନ କରିଛି କମିଟି। ସେପଟେ କମିଟି ପକ୍ଷରୁ ସଫେଇ କାର୍ଯ୍ୟ ହାତକୁ ନେଇଥିବାରୁ ପ୍ରଶଂସା କରିଛନ୍ତି ଅଞ୍ଚଳବାସୀ।

# ଖାଉଟି ଅଦାଲତରେ ତହସିଲଦାର ଦଣ୍ଡିତ

ନବରଙ୍ଗପୁର,୪।୧(ସମିସ): ଖାଉଟି ଅଦାଲତରେ ତହସିଲଦାର ଦଣ୍ଡିତ ହୋଇଛନ୍ତି। ବିଭିନ୍ନ ଆଳ ଦେଖାଇ ଆବେଦନକାରୀଙ୍କୁ ଧାର୍ଯ୍ୟ ସମୟରେ ସାର୍ଟିଫାଇଡ୍ କପି ନ ଦେବା ତହସିଲଦାରଙ୍କୁ ମହଙ୍ଗା ପଡ଼ିଲା। ସୂଚନା ପ୍ରକାରେ, ସ୍ଥାନୀୟ ଏନ୍ ପରମେଶ୍ୱର ନାମକ ଅଭିଯୋଗକାରୀ ତହସିଲ ଅଫିସରେ ଦୁଇଟି କପି ଆପ୍ଲିକେସନ ଆର୍ଜେଣ୍ଟ (ଆବେଦନ ଜରୁରୀ) ଭାବେ ଦାଖଲ କରିଥିଲେ। ତାଙ୍କୁ ବିଭିନ୍ନ ଆଳ ଦେଖାଇ ସମ୍ପୃକ୍ତ ତହସିଲଦାର ଓ ତାଙ୍କ ସହାୟକ ସମୟ ଗଡ଼ାଇ ୪୩ ଦିନ ପରେ ଏକ ପତ୍ର ଦେଇଥିଲେ ଯେ, ଆବେଦନ ନଥିପତ୍ର ଆମ ତହସିଲରୁ ଅନ୍ୟତ୍ର ବଦଳି କରିଦେଇଛୁ। ତା'ର ନକଲ ଅଦାଲତଙ୍କଠାରେ ପେଠ କରିଥିଲେ ହେଁ ଆବେଦନକାରୀ ଉକ୍ତ ପତ୍ର ପାଇବା ଓ ରେକର୍ଡ ବଦଳ ହେବା ପ୍ରମାଣ ଦେଖାଇ ପାରିନଥିଲେ। ଅଦାଲତ ଦୁଇ ପକ୍ଷଙ୍କ ଶୁଣାଣି କରି ସମ୍ପୃକ୍ତ ଅଧିକାରୀ ଓ ସହାୟକଙ୍କୁ ତୁରନ୍ତ ଆବଶ୍ୟକ ଦସ୍ତାବିଜ ପ୍ରଦାନ କରିବା ସହ ଗୋଟାଏ ମାମଲାକୁ ୫୦୦୦ ଟଙ୍କା ଲେଖାଏଁ ଦୁଇଟି ଅଭିଯୋଗ ଯଥା କେସ୍ ନମ୍ବର ୯/୨୩ ଓ ୧୦/୨୩ ପ୍ରକାରେ ୧୦ ହଜାର ଟଙ୍କା ୩୦ ଦିନ ମଧ୍ୟରେ ଅଭିଯୋଗକାରୀଙ୍କୁ ଦେବାପାଇଁ ରାୟ ପ୍ରକାଶ ପାଇଛି। ଜିଲ୍ଲା ଖାଉଟି ଅଦାଲତର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା ଓ ସଭ୍ୟା ସଲମା ବାନୋ ଜାତୀୟ ଖାଉଟି ଆୟୋଗଙ୍କ ଏକ ମାମଲାକୁ ଅନୁଧ୍ୟାନ କରି ଏହି ରାୟ ପ୍ରଦାନ କରିଛନ୍ତି। ପୁଣି ଦର୍ଶାଇଛନ୍ତି ଯେ, ଯଦି ୩୦ ଦିନ ମଧ୍ୟରେ ଅଭିଯୋଗକାରୀଙ୍କୁ ରାୟ ପ୍ରକାରେ ଧାର୍ଯ୍ୟ ଦଣ୍ଡ ନ ଦିଆଯିବ, ତେବେ ୧୨ ପ୍ରତିଶତ ସୁଧ ସହ ତାହା ଦେବାକୁ ପଡ଼ିବ ବୋଲି ରାୟ ପ୍ରଦାନ କରିଛନ୍ତି।

# ଜଗନ୍ନାଥ ସାଗର ସୌନ୍ଦର୍ଯ୍ୟକରଣର ଲାଇଟ, ଚେୟାର ଭାଙ୍ଗିଲେ ଦୁର୍ବୃତ୍ତ



**ଜୟପୁର,୪।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଜଗନ୍ନାଥ ସାଗର ପାର୍ଶ୍ୱବର୍ତ୍ତୀ ପଞ୍ଚାନନ ମନ୍ଦିର ଛକ-ଜୟନଗର ଛକକୁ ସଂଯୋଗ କରୁଥିବା ରାସ୍ତାରେ ସୌନ୍ଦର୍ଯ୍ୟକରଣ ନିମନ୍ତେ ଲଗାଯାଇଥିବା ଲାଇଟ ଏବଂ ସିମେଣ୍ଟ ଚେୟାରକୁ ଦୁର୍ବୃତ୍ତମାନେ ଗତ ଶନିବାର ରାତିରେ ଜୟନଗର ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ଦର୍ଶକ ଓ ସାଧାରଣ ଲୋକଙ୍କ ପାଦଚଲା ରାସ୍ତାରେ ୨୪ଟି ସିମେଣ୍ଟ ଚେୟାର ମଧ୍ୟରୁ ୫ଟି ଚେୟାର ଏବଂ ୩୪ଟି ସୌନ୍ଦର୍ଯ୍ୟମୟ ବିଦ୍ୟୁତଖୁଣ୍ଟ ଓ ଲାଇଟ ମଧ୍ୟରୁ ୫ଟି ଖୁଣ୍ଟ ଭାଙ୍ଗି ଦେଇଛନ୍ତି। ଏନେଇ ପୌରସଂସ୍ଥା ୱାର୍ଡ ନମ୍ବର ୧୧ର କାଉନସିଲର

**➤ ପୁଲିସର ପାଟ୍ରୋଲିଂ ଅବ୍ୟବସ୍ଥାକୁ ଦାୟୀକଲେ ବାସିନ୍ଦା**
**➤ କ୍ୟାମେରା ଲଗାଇବାକୁ ପୌରସଂସ୍ଥାର ନିର୍ଦ୍ଦେଶ**

ଭାଙ୍ଗି ଦେଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଜୟପୁର ବାସିନ୍ଦା ପ୍ରତିକ୍ରିୟାଶୀଳ ହୋଇଥିବାବେଳେ ଦୁର୍ବୃତ୍ତଙ୍କୁ ଠାବ କରାଯାଇ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ପୁଲିସର ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ ନିୟମିତ ଓ କଡ଼ାକଡ଼ି କରିବାକୁ ଦାବି କରିଛନ୍ତି। ଗତ ବୁଧବାର ବିଳମ୍ବିତ ରାତିରେ କୌଣସି ଅଜଣା ଦୁର୍ବୃତ୍ତ ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟ ଓ ଉନ୍ନତିକରଣ ମାଧ୍ୟମରେ ରାସ୍ତା ପାର୍ଶ୍ୱରେ ଲୋକଙ୍କ ପାଇଁ ପଞ୍ଚାନନ ମନ୍ଦିର ଛକଠାରୁ ଗୋପୀନାଥ ମହାନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ସହିତ ଥାନାରେ ଏତଲା ଦେଇଛନ୍ତି ଏବଂ ଜିଲ୍ଲା ଏସପିଙ୍କୁ ଲିଖିତ ଅଭିଯୋଗର ଏକ ନକଲ ପ୍ରେରଣ କରାଯାଇଛି। ଏନେଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଆଖପାଖ ସିସି କ୍ୟାମେରାକୁ ଯାଞ୍ଚ କରାଯାଉଛି ଏବଂ ଦୁଇଟି ସିସି କ୍ୟାମେରା ସେଠାରେ ଲଗାଇବା ପାଇଁ ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ସେହିପରି ପୌରନିର୍ବାହୀ ଅଧିକାରୀ ଶ୍ରୀ ପଟ୍ଟନାୟକଙ୍କ ଉପସ୍ଥିତିରେ ତୁରନ୍ତ ୫ଟି ବିଦ୍ୟୁତ ଲାଇଟ୍ ଓ ଖୁଣ୍ଟ ମରାମତି ସନ୍ଧ୍ୟା ସୁଦ୍ଧା କରିବା ସହ ଏହାକୁ ପୁନର୍ବାର ସ୍ଥାପନ କରିଛନ୍ତି। ସମୁଦାୟ ୩୪ଟି ବିଦ୍ୟୁତ ଖୁଣ୍ଟ ଲାଇଟ ପାଇଁ ୨ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା। ଜୟପୁର ସହରରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ହେଉ ନ ଥିବା ଯୋଗୁଁ ସହରରେ ଚୋର, ଦୁର୍ବୃତ୍ତ ଏବଂ ଅସାମାଜିକ ଲୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ନେଇ ସାଧାରଣରେ ଅଭିଯୋଗ ହେଉଥିଲେ ସୁଦ୍ଧା ସ୍ଥାନୀୟ ଉପଖଣ୍ଡ ପ୍ରଶାସନ ଏବଂ ପୁଲିସ ବିଭାଗ ଏଥିପ୍ରତି କୌଣସି ଧ୍ୟାନ ଦେଉନଥିବା ନେଇ କ୍ଷୋଭ ପ୍ରକାଶ ପାଇଛି।

